୦୪ ଅକ୍ଟୋବର ୨୦୨୬ ରବିବାର



# ଷୋଳପୂଜା







**କାଶତଣ୍ଡୀର ମହକରେ ଧରାବତରଣ କରନ୍ତି ମା' ଦୁର୍ଗା । ଓଡ଼ିଶାର ପ୍ରତିଟି ପୀଠରେ ରୀତିନୀତିରେ, ମହାଆଡମ୍ବରରେ ପାଳନ ହୋଇଥାଏ ମାଆଙ୍କର ଷୋଳପୂଜା । ପ୍ରତିଟି ପୀଠ ଚଳଚଞ୍ଚଳ ହୋଇଉଠେ ମାଆଙ୍କ ସହ ଅଗଣିତ ଭକ୍ତଙ୍କୁ ସ୍ୱାଗତ କରିବାକୁ । ସେଇ ଅନନ୍ୟ ଷୋଳପୂଜା ନୀତିକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା...**



# ମହାଦେବୀ ବିରଜା

ବିରଜାକ୍ଷେତ୍ର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ବିରଜା ସାକାରମୂର୍ତ୍ତି ରୂପରେ ପ୍ରାୟ ଚତୁର୍ଥଶତାବ୍ଦୀର ପୂର୍ବରୁ ବିରାଜିତ ହୋଇ ପୂଜା ପାଉଛନ୍ତି । ଭାରତୀୟ ଶକ୍ତି ସଂସ୍କୃତିର ପ୍ରାଚୀନତମା ଦେବୀ ରୂପେ ଶ୍ରୀବିରଜାଙ୍କର ପୌରାଣିକ ପ୍ରତିଷ୍ଠା ସର୍ବଜନବିଦିତ। ଦେବୀ ବିରଜା ଭଗବତୀ ଦୁର୍ଗାଙ୍କର ଏକ ସ୍ୱତନ୍ତ୍ର ମୂର୍ତ୍ତିରୂପେ ବିରାଜିତା, ଏଣୁ ଦେବୀଙ୍କ ପୀଠରେ ପୂଜାବିଧିରେ ମଧ୍ୟ ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ । ବିଶେଷତଃ ଶାରଦୀୟ ପାର୍ବଣପୂଜା ଅବସରରେ ମା'ବିରଜାଙ୍କର ଉପାସନା ଶାକ୍ତ ପରମ୍ପରାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ। ଶାରଦୀୟ ପାର୍ବଣ ଅବସରରେ ଶକ୍ତିପୀଠମାନଙ୍କରେ ଷୋଡ଼ଶ ଦିବସୀୟ ପୂଜା ଅନୁଷ୍ଠିତ ହୋଇଥାଏ । ତେବେ ବିରଜାକ୍ଷେତ୍ରରେ ଶାରଦୀୟ ପୂଜା ବିଭିନ୍ନ ଦୃଷ୍ଟିରୁ ଆକର୍ଷଣୀୟ ହୋଇଥାଏ । ଆଶ୍ୱିନ ମାସ କୃଷ୍ଣପକ୍ଷ ଆଦ୍ରାନକ୍ଷତ୍ରଯୁକ୍ତ ଅଷ୍ଟମୀ ତିଥିରୁ ବିରଜାପୀଠରେ ଶାରଦୀୟ ପୂଜାର ଆରମ୍ଭ ହୋଇ ମହାନବମୀ ରାତ୍ରିରେ ସମାପ୍ତ ହୁଏ । ଶ୍ରବଣାନକ୍ଷତ୍ର ଯୁକ୍ତ ବିଜୟା ଦଶମୀରେ ଘଟ ବିସର୍ଜନ ହୁଏ ମହନୀୟତା ହେଉଛି ଏଠାରେ ଷୋହଳଜଣ ବ୍ରାହ୍ମଣ, ଷୋହଳ ଦିନ, ଷୋହଳ ଉପଚାରରେ ଷୋହଳ କଳସ ସ୍ଥାପନ କରି ପୂଜା ସଂପାଦନ କରିଥାନ୍ତି। ଏହି ସମୟରେ ବିଭିନ୍ନ ବେଶ ସହିତ ଭିନ୍ନ ମନ୍ତ୍ର ପ୍ରୟୋଗରେ ଚମତ୍କାରିତା ଏଠାରେ ଲକ୍ଷ୍ୟ କରାଯାଏ। ନିତ୍ୟପୂଜାରେ ଏକାକ୍ଷରୀ ଭୁବନେଶ୍ୱରୀ ମନ୍ତ୍ରରେ ପୂଜିତା ବିରଜାଦେବୀଙ୍କର ପୂଜା ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ବନଦୁର୍ଗାମନ୍ତ୍ରରେ, ମହାଷ୍ଟମୀ ରାତ୍ରିରେ ଉଗ୍ରଚଣ୍ଡୀ ମନ୍ତ୍ରରେ ଓ ମହାନବମୀରେ ମହାମାରୀ ମନ୍ତ୍ରରେ ସଂପାଦିତ ହୋଇଥାଏ । ଶକ୍ତିପଲ୍ଲବ ନାମକ ତନ୍ତ୍ରଶାସ୍ତ୍ରର ବିଧିବିଧାନ ଅନୁଯାୟୀ ତାନ୍ତ୍ରିକ ପଦ୍ଧତିରେ ଦେବୀଙ୍କୁ ମୁଖ୍ୟତଃ ରାତ୍ରିକାଳରେ ପୂଜା କରାଯାଇଥାଏ । ଶାସ୍ତ୍ରୀୟ ବିଧି ଅନୁସାରେ ସୂର୍ଯ୍ୟ ଅଷ୍ଟମୀ ତିଥିରେ ଅସ୍ତ ହେବାପରେ ରାତ୍ରିକାଳରେ ବିରଜାଙ୍କର ଘଟନିମଜ୍ଜନ ପବିତ୍ର ବ୍ରହ୍ମାକୁଣ୍ଡରେ ହୋଇଥାଏ। ମଙ୍ଗଳବାଦ୍ୟ ଧ୍ୱନି ସହିତ ଦେବୀଙ୍କର ଘଟକୁ ଅଣାଯାଇ ଯଜ୍ଞକୁଣ୍ଡର ଦକ୍ଷିଣପାର୍ଶ୍ୱରେ ସ୍ଥାପନ କରାଯାଏ । ଏହି ଘଟର ଚତୁଃପାର୍ଶ୍ୱରେ ଗଣପତି ଘଟ ସହିତ ବ୍ରାହ୍ମୀ, ମାହେଶ୍ୱରୀ ଆଦି ଅଷ୍ଟମାତୃକାଙ୍କର ଘଟ ସ୍ଥାପିତ ହୁଏ । ଦେବୀଙ୍କ ଘଟ, ଗଣପତି ଘଟ ଓ ଅଷ୍ଟମାତୃକା ଘଟ ମିଶି ସମୁଦାୟ ଦଶଟି ଘଟ ମୂଳାଷ୍ଟମୀ ତିଥିରେ ଯଜ୍ଞ-ମଣ୍ଡପରେ ସ୍ଥାପିତ ହୋଇ ପୂଜା ପାଇଥାନ୍ତି । ଏହି ମୂଳାଷ୍ଟମୀର ରାତ୍ରିଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ପନ୍ଦରଦିନ ପ୍ରତିଦିନ ଦିନ ଓ ରାତିରେ ସିଂହାସନରେ ଓ ଘଟଦେବତା ମାନଙ୍କ







ନିକଟରେ ଷୋଡ଼ଶ ଉପଚାରରେ ପୂଜାହୋଇଥାଏ । ମହାଷ୍ଟମୀ ଦିନ ପ୍ରଭାତରେ ବିରଜାଙ୍କର ଦୁର୍ଲଭ ମହାସ୍ନାନ ଅନୁଷ୍ଠିତ ହୁଏ । ବୈତରଣୀୟ ବ୍ରାହ୍ମଣ ଓ ବ୍ରହ୍ମାଣ ପତ୍ନୀମାନଙ୍କ ଦ୍ୱାରା ଆନୀତ ତୀର୍ଥ ଜଳରେ ଦେବୀଙ୍କର ସହସ୍ରକୁମ୍ଭାଭିଷେକ ଉତ୍ସବ ଅନୁଷ୍ଠିତ ହୁଏ ।

ଶୁକ୍ଲପଞ୍ଚମୀ ଠାରୁ ସ୍ୱକଳ୍ପୋକ୍ତ ବିଧିରେ ଅଗ୍ନିସଂସ୍କାର ଆଦି କରାଯାଇ ସହସ୍ର ସଂଖ୍ୟକ ଆହୁତି ଯୁକ୍ତ ହୋମ କରାଯାଏ ଏହା ମହାହୋମନାମରେ ପରିଚିତ । ଏଠାରେ ଅଗ୍ନିସଂସ୍କାର ବିଧାନରେ ପୂର୍ବ ସ୍ଥାପିତ ଦଶଟି ଘଟ ସହିତ ଆଉ ପାଞ୍ଚଟି ଘଟ ବା କଳସ ସ୍ଥାପିତ ହୁଏ । ପୂର୍ବ କଳସରେ ଗଣପତି, ଅଗ୍ନିକୋଣରେ ବ୍ରହ୍ମା, ନୈଋତକୋଣରେ ଶିବ, ବାୟୁକୋଣରେ ବିଷ୍ଣୁ ଓ ଈଶାନ କୋଣରେ ଅନନ୍ତ ବାସୁକିଙ୍କୁ ପୂଜା କରାଯାଏ । ମହାଷ୍ଟମୀର ରାତ୍ରିକାଳରେ ଏହି ମହାହୋମର ପୂର୍ଣ୍ଣାହୁତି କରାଯାଏ । ମହାହୋମର ପୂର୍ଣ୍ଣାହୁତି ପରେ ନିଶାର୍ଦ୍ଧରେ ଯଜ୍ଞମଣ୍ଡପରେ ଆଉ ଗୋଟିଏ କଳସ ସ୍ଥାପନ କରାଯାଇ ଚାମୁଣ୍ଡାଙ୍କର ପୂଜା କରାଯାଏ। ପୂର୍ବର ପନ୍ଦର କଳସ ସହିତ ଚାମୁଣ୍ଡା କଳସକୁ ମିଶାଇଲେ ଷୋହଳ କଳସ ହୋଇଥାଏ। ଚାମୁଣ୍ଡାଙ୍କୁ ତୃପ୍ତି ପ୍ରଦାନ କରିବା ପାଇଁ ଛାଗବଳିର ପ୍ରଥା ରହିଛି ।

ମା'ବିରଜାଙ୍କର ଶାରଦୀୟ ପୂଜା ଅବସରରେ ଯେଉଁ ରଥଯାତ୍ରା ଅନୁଷ୍ଠିତ ହୁଏ ତାହା ଶକ୍ତି ସଂସ୍କୃତିରେ ଏକ ବିରଳ ପରମ୍ପରା ଅଟେ । ଶୁଭ ସୁନିଆ ଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ମହାଳୟା ଅମାବାସ୍ୟା ଦିନ ମନ୍ଦିର ବାହାରେ ପ୍ରତିଷ୍ଠା ମଣ୍ଡପରେ ରଥର ଅଧିବାସ କର୍ମ ଓ ପ୍ରତିପଦ୍ ତିଥିରେ ପ୍ରତିଷ୍ଠା କର୍ମ ସଂପାଦିତ ହୋଇଥାଏ। ପ୍ରତିପଦ ଠାରୁ ମହା ନବମୀ ପର୍ଯ୍ୟନ୍ତ ଦେବୀଙ୍କର ରଥ ମନ୍ଦିର ପରିକ୍ରମା କରିଥାଏ। ଏହା ନବଦିନାମକ୍ ରଥଯାତ୍ରା ନାମରେ ପ୍ରସିଦ୍ଧ । ସୂଚନା ଯୋଗ୍ୟ ଯେ ମହାନବମୀ ତିଥିରେ ଦେବୀଙ୍କର ପଞ୍ଚୋପଚାର ପୂଜା, ତର୍ପଣ, ମାର୍ଜନାଦି ଓ ଅଭିଷେକ କ୍ରମ ଅନୁସାରେ ଅନୁଷ୍ଠିତ ହୁଏ। ମହାନବମୀ ରାତ୍ରିରେ ବିରଜାଙ୍କର ଦିଗ୍ୱିଜୟ ଯାତ୍ରା ପାଳିତ ହୋଇଥାଏ। ମହାନବମୀର ସନ୍ଧ୍ୟାରେ ରଥ ପରିକ୍ରମାପରେ ରାତ୍ରିରେ ରଥସ୍ଥିତ ଦେବୀଙ୍କ ବିଜେ ପ୍ରତିମାଙ୍କୁ ରଥରୁ ଅବତରଣ କରାଯାଇ ଦୋଳରେ ବସାଯାଇ ମଙ୍ଗଳବାଦ୍ୟ ଧ୍ୱନିସହିତ ମନ୍ଦିରର ପୂର୍ବଦିଗରେ ଅବସ୍ଥିତ ଲାଖବିନ୍ଧା ପଡ଼ିଆକୁ ନିଆଯାଏ । ସେଠାରେ ଡାକେଶ୍ୱରୀଙ୍କ ନିକଟରେ ବେଦୀ ଉପରେ ଦୋଳାକୁ ରଖି ପୂଜକ ବ୍ରାହ୍ମଣ ଗଣପତି ପୂଜା, ବ୍ରାହ୍ମୀ ଆଦି ଅଷ୍ଟମାତୃକା ଓ କାଳରାତ୍ରି ଆଦି ସପ୍ତରାତ୍ରିଙ୍କୁ ଆବାହନ କରି



**ସୂଚନା**

**ବିରଜାରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର**
**ସଭାପତି, ବିରଜାମଣ୍ଡଳ ଗଣକମଣ୍ଡଳୀ ଓ ପଣ୍ଡିତ ସଭା, ଯାଜପୁର**



ଗନ୍ଧପୁଷ୍ପାଦି ଦ୍ୱାରା ମହାମାରୀ ମନ୍ତ୍ରରେ ଦେବୀଙ୍କୁ ପୂଜା କରନ୍ତି। ସେଠାରେ ଦେବୀଙ୍କୁ ଧନୁତୀର ଅର୍ପଣ କରାଯାଏ ଦେବୀଙ୍କ ପ୍ରତିନିଧିରୂପେ ପୂଜକ ଚାରିଦିଗକୁ ଚାରୋଟି ଶର ନିକ୍ଷେପ କରନ୍ତି । ଏହା ଲକ୍ଷ୍ୟ ଭେଦ ବା ଲାଖବିନ୍ଧା ନାମରେ ପ୍ରସିଦ୍ଧ । ତାହାପରେ ଦେବୀଙ୍କର ବିଜେ ପ୍ରତିମାଙ୍କୁ ଦୋଳାରେ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରରେ ପ୍ରବେଶ କରାଯାଏ । ତାହାପରେ ମୁଖ୍ୟ ଦ୍ୱାର ବନ୍ଦ କରାଯାଇ ବଳିମଣ୍ଡପରେ ମହିଷ ପ୍ରୋକ୍ଷଣ କରାଯାଏ, ଦେବୀଙ୍କୁ ମଧୁରପଣା ଅର୍ପଣ କରାଯାଇ ବିଶ୍ରାମ ଦିଆଯାଏ ।

ଶାରଦୀୟ ଦୁର୍ଗୋତ୍ସବରେ ବିଶେଷ ନୈବେଦ୍ୟ ଦେବୀଙ୍କୁ ଅର୍ପଣ କରାଯାଏ ଏହି ବିଶେଷ ନୈବେଦ୍ୟ ପ୍ରସ୍ତୁତି ପାଇଁ ପାଣିଗ୍ରାହୀ ସଂଜ୍ଞାଧାରୀ ସେବାୟତ ବ୍ରାହ୍ମଣମାନେ ୧୬ ଦିନ ମନ୍ଦିରରେ ରହି ଭୋଗ ପ୍ରସ୍ତୁତ କରିଥାନ୍ତି । ସକାଳେ ମଙ୍ଗଳ ଆଳତି ସମୟରେ ବାଳଭୋଗ ରୂପରେ ଫଳ, ମଧ୍ୟାହ୍ନ ଉପଚାର ପୂଜାରେ ଅନ୍ନନୈବେଦ୍ୟ, ତରକାରୀ, କ୍ଷୀରି ଖଟା ସହିତ ବିଭିନ୍ନ ପ୍ରକାରର ଫଳ ଅର୍ପଣ କରାଯାଏ । ସନ୍ଧ୍ୟା ଆଳତି ସମୟରେ ଉଖୁଡ଼ା, ଛେନା ଲଡ୍ଡୁ, ଷଡ଼ରସରେ ପ୍ରସ୍ତୁତ ଡାଲିଗଜା ଓ ପିଷ୍ଟକ ପ୍ରଦାନ କରାଯାଏ । ମହାଷ୍ଟମୀ ଓ ମହାନବମୀରେ ଶାସ୍ତ୍ରାନୁମୋଦିତ ରୀତିରେ ବିଶେଷ ନୈବେଦ୍ୟ ପ୍ରସ୍ତୁତ କରାଯାଇ ଅର୍ପଣ କରାଯାଏ। ଦଶହରା ଦିନ ଦେବୀଙ୍କ ପ୍ରତିମା'ଙ୍କୁ ଦକ୍ଷିଣାଭିମୁଖୀ କରି ପୂଜକ ଅପରାଜିତା ମନ୍ତ୍ରପାଠ ପୂର୍ବକ ବିସର୍ଜନ କର୍ମ ଆରମ୍ଭ କରିଥାନ୍ତି । ତାହାପରେ ମଙ୍ଗଳାରୋପଣ କର୍ମ ସମାପନ କରାଯାଇ ଦେବୀଙ୍କର ଘଟକୁ ବ୍ରହ୍ମାକୁଣ୍ଡରେ ବିସର୍ଜନ କରାଯାଏ। ମହାଶକ୍ତି ଶ୍ରୀବିରଜାଙ୍କର ଶାରଦୀୟ ପାର୍ବଣ ପୂଜା ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନରେ ଅଶେଷ ଆନନ୍ଦ ପ୍ରଦାନ କରିଥାଏ ।

**ହରିହର ସ୍ୱାଇଁ**
ସମୟ ପ୍ରତିନିଧି



# ତ୍ରିପୁରାସୁନ୍ଦରୀ ମା' ଭଟ୍ଟାରିକା

ବଡ଼ମ୍ବା ଗଡ଼ଯାତର ନାମ ବୃହଦମ୍ବାରୁ ଉଦ୍ଧୃତ ହୋଇଥିବା କୁହାଯାଏ, ଏହି ଗଡ଼ଯାତର ଆରାଧ୍ୟା ଦେବୀ ତ୍ରିପୁରାସୁନ୍ଦରୀ ମା ଭଟ୍ଟାରିକାଙ୍କ ଅନ୍ୟାନାମ ବୃହଦମ୍ବା ଅର୍ଥାତ୍ ବୃହତ ଅମ୍ବା ବା ବଡ଼ାମ୍ବାରୁ ଅପଭ୍ରଂଶ କ୍ରମେ ବଡ଼ମ୍ବା ହୋଇଥିବା ବିବେଚନା କରାଯାଏ । ଏହି ପୁରାତନ ଗଡ଼ଯାତ ରାଜାଙ୍କ ନିତ୍ୟ ଆରାଧ୍ୟା ଦେବୀ ହେଲେ ମା ଭଟ୍ଟାରିକା ଏବଂ ବଡ଼ମ୍ବା ରାଜନଅରରେ ମା ଭଟ୍ଟାରିକାଙ୍କ ସୁବର୍ଣ୍ଣପ୍ରତିମା ନିତି ପୂଜା ପାଉଛନ୍ତି ।ହେଲେ ଦେବୀଙ୍କ ମୂଳପୀଠ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମହାନଦୀକୂଳ ଶଶାଙ୍ଗ ଗ୍ରାମ ରତ୍ନଗିରି ପାହାଡ଼ ପାଦଦେଶରେ ଅବସ୍ଥିତ । ଶ୍ରୀଚକ୍ର ଆସିନ ଦେବୀଙ୍କ ଲଳିତ ଆସନ ପ୍ରସ୍ତରମୂର୍ତ୍ତି ଅବତାରୀ ପର୍ଶୁରାମ ନିଜ ଶରମୁନରେ ଆଙ୍କିଥିବା ପୌରାଣିକ କିମ୍ବଦନ୍ତିରୁ ପ୍ରକାଶ । ଏଥିପାଇଁ ଏହି ପୀଠକୁ ପର୍ଶୁରାମ ପୀଠ ମଧ୍ୟ କୁହାଯାଏ ।ଶାପ ବିମୋଚନପାଇଁ ଏହିଠାରେ ପର୍ଶୁରାମ ଦେବୀଙ୍କୁ ଆରାଧନା କରି ଶକ୍ତିମୟୀ ମା ଭଟ୍ଟାରିକାଙ୍କ କୃପାଲାଭ କରିଥିବାରୁ, ଶକ୍ତିଉପାସନା କ୍ଷେତ୍ର ଦୃଷ୍ଟିରୁ ମା ଭଟ୍ଟାରିକାଙ୍କୁ ଆଦ୍ୟାଶକ୍ତି ବୋଲି କୁହାଯାଏ। ତ୍ରିପୁରାସୁନ୍ଦରୀ ମା ଭଟ୍ଟାରିକାଙ୍କ ବରଦାୟିନୀ ମୁଦ୍ରାର ମୂର୍ତ୍ତି ମଧ୍ୟସ୍ଥଳରେ ରହିଥିବା ବେଳେ ଦେବୀଙ୍କ ଅନ୍ୟ ଅଷ୍ଟମାତୃକା ଶକ୍ତି ଯଥା ଉଗ୍ର (ଦକ୍ଷିଣକାଳୀ), ଉଗ୍ରପ୍ରଭା (ସରସ୍ୱତୀ), ଶକଟା (ବଗଳାମୁଖୀ), ବିକଟା (ଧୂମାବତୀ), ଚଣ୍ଡି (ଭୁବନେଶ୍ୱରୀ), ପ୍ରଚଣ୍ଡା (ଛିନ୍ନମସ୍ତା), ସିଂହବାହିନୀ (ଦୁର୍ଗା), କମଳା (ଶ୍ରୀ ଲକ୍ଷ୍ମୀ) ମୂର୍ତ୍ତିର ଚତୁଃପାର୍ଶ୍ୱରେ ପୂଜା ପାଆନ୍ତି ।ଅଭୟ ବରଦାୟିନୀ ଶକ୍ତିମୟୀ ମା ଭଟ୍ଟାରିକାଙ୍କୁ ରାଜରାଜୁଡ଼ା ସମୟରୁ ମାଳି ସମ୍ପ୍ରଦାୟର ସେବାସୀମାନେ ପୂଜାର୍ଚ୍ଚନା କରିଆସୁଛନ୍ତି । ଦେବୀଙ୍କ ଶରତକାଳୀନ ଷୋଳଦିନାମକ୍ ପାର୍ବଣପୂଜା ବା ଶାରଦୀୟ ପୂଜା ପ୍ରତିବର୍ଷ ଯଥାବିଧି ପୀଠରେ ପାଳନ କରାଯାଏ । ଏହି ସମୟରେ ମା ଭଟ୍ଟାରିକାଙ୍କର ସ୍ୱତନ୍ତ୍ର ସୁନାବେଶ ଅନୁଷ୍ଠିତ ହୋଇଥାଏ ।ପୂର୍ବରୁ ଦଶହରା ସମୟରେ ବହୁ ମାନସିକଧାରୀଙ୍କରେ ଏହି ପୀଠରେ ସମାଗମ ଘଟୁଥିଲା , ଏବଂ ଏଠାରେ ମହାଷ୍ଟମୀରେ ଛାଗ ବଳିଭୋଗର ପ୍ରଥା ରହିଥିଲା ।ହେଲେ ସମୟକ୍ରମେ ଏହା ବନ୍ଦ ହୋଇଛି ।ଆଶ୍ୱିନ ପବିତ୍ର ମୂଳାଷ୍ଟମୀଠାରୁ ଦଶହରାର ମହାଷ୍ଟମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ପାର୍ବଣ ପୂଜାରେ ପ୍ରତ୍ୟେହ ଦେବୀଙ୍କୁ ତିନି ରୁପରେ ପୂଜା କରାଯିବାର ପରମ୍ପରା ରହିଛି। ସକାଳ, ମଧ୍ୟାହ୍ନ ଏବଂ ସଂଧ୍ୟାରେ ଦେବୀଙ୍କୁ ଯଥାକ୍ରମେ ବାଳା (ଗାୟତ୍ରୀ), କୁମାରୀ (ସାବିତ୍ରୀ) ଏବଂ ବୃଦ୍ଧା (ସରସ୍ୱତୀ) ଏହିଭଳି ତିନିରୁପେ ପୂଜାର୍ଚ୍ଚନା କରାଯାଏ।ଶରତର ଶାରଦୀୟ ପୂଜା ଭଳି ବସନ୍ତରେ ପୀଠରେ ବାସନ୍ତିକ ଦୁର୍ଗାପୂଜା ବା ନଅପତ୍ରିକା ପୂଜା ନବଦିନ ଧରି ପାଳିତ ହୁଏ। ଏହାସହ ପ୍ରତ୍ୟେକ ସଂକ୍ରାନ୍ତି, ଅମାବାସ୍ୟା ସହିତ ଦୀପାବଳି ଏବଂ ଦୁର୍ଗାଶୟନ ଉତ୍ସବ ପୀଠରେ ସ୍ୱତନ୍ତ୍ରଭାବେ ଯଥାରୀତି ପରମ୍ପରାନୁଯାଇ ପାଳନ ହୁଏ ।

ପ୍ରତ୍ୟୁଷରୁ ମଙ୍ଗଳ ଆଳତୀ ସହ ମା ଭଟ୍ଟାରିକାଙ୍କ ମନ୍ଦିର ପହୁଡ଼ ଖୋଲାଯାଏ, ଯାହାପରେ ଦ୍ୱାରପାଳ, ସୂର୍ଯ୍ୟ, ନବଗ୍ରହ, ମନ୍ଦିରସ୍ଥ ଆଦି ଗଣେଶ ଏବଂ ପର୍ବଘଟ ପୂଜାପରେ ଦେବୀଙ୍କଠି ଚୂଆ, ହଳଦୀ, ଚନ୍ଦନ ଲାଗି କରାଯାଇ ମାଜଣା ନୀତି ସମ୍ପନ କରାଯାଏ । ଏହି ନୀତିପରେ ମହାନଦୀର ସଦ୍ୟ ଜଳରେ ଅଗୁର, ଚନ୍ଦନ, କର୍ପୂର ଆଦି ସୁବାଷିତ ଦ୍ରବ୍ୟ ମିଶାଯାଇ ଦେବୀଙ୍କ ସ୍ନାନନୀତି ସମ୍ପନ ହୁଏ । ପରେପରେ ଶାଢି, ଅଳଙ୍କାର, ଫୁଲମାଳ ଲାଗି କରାଯାଇ ଦେବୀଙ୍କର ମନ୍ଦିର ସାହାଣମେଲା କରାଯାଇ ଦେବୀଙ୍କ ବନ୍ଦାପନା ଏବଂ ସକାଳ ଆଳତୀ ହୁଏ । ସଂଧ୍ୟା ପୂର୍ବରୁ ପ୍ରତିଦିନ ଅପରାହ୍ନରେ ଅନୁରୁପ ଦେବନୀତି ଠାକୁରାଣୀଙ୍କର କରାଯାଇଥାଏ । ସେହିଭଳି ସକାଳର ବାଳଭୋଗ, ବଲ୍ଲଭ ଭୋଗ, ମଧ୍ୟାହ୍ନର କ୍ଷୀରି ଖେଚେଡ଼ି ଭୋଗ ସମେତ ପାର୍ବଣ ସମୟରେ ମା'ଙ୍କଠି ଏଣ୍ଡୁରି, କାକରା, ପୋଡ଼ପିଠା, ଦହିପଖାଳ ସହିତ ଦେବୀଙ୍କ ପାଖରେ ଉଷୁନାଅନ୍ନ ଏବଂ ମହାନଦୀର ମାଛଭଜା ଭୋଗଲାଗି କରାଯାଏ । ପୀଠରେ ସଂଧ୍ୟା ଆଳତୀରେ ଏକ ଅନନ୍ୟ ପରମ୍ପରା ଦେଖିବାକୁ ମିଳେ । ଏକାଠି ଦୁର୍ଗାମାଧବଙ୍କୁ ପ୍ରତ୍ୟେହ ସଂଧ୍ୟା ଆଳତି ସମର୍ପଣ କରାଯାଇଥାଏ । କାରଣ ପରମ୍ପରାନୁଯାଇ ମା ଭଟ୍ଟାରିକାଙ୍କୁ ଆଳତୀ କରାଯିବା ପରେ ମନ୍ଦିରର ଦକ୍ଷିଣ ପଶ୍ଚିମ ଦିଗରେ ମହାନଦୀକୂଳେ ଅବସ୍ଥିତ କଣ୍ଟିଲୋର ଶ୍ରୀ ନୀଳମାଧବଙ୍କୁ ବନ୍ଦାପନା କରାଯାଇ ଆଳତୀ ସମର୍ପଣ କରାଯାଏ । ଅର୍ଥାତ୍ ଏକାଠି ଦୁର୍ଗାମାଧବଙ୍କୁ ଏହି ନୀତିରେ ସୁମିରଣ କରାଯିବାର ପରମ୍ପରା ଏହି ପୀଠରେ ଦେଖିବାକୁ ମିଳେ ।ରାତ୍ରବେଳା ପୀଠରେ ପର୍ବପୂଜକଙ୍କ ଦ୍ୱାରା ଚଣ୍ଡିପୁରାଣ ପାଠ, ସନ୍ଧିପୂଜା ନୀତି ସମ୍ପନ୍ନ ହେବାରେ ମା'ଙ୍କର ବଡ଼ସିଂହାର ବେଶ କରାଯାଇ ଶାନ୍ତି ଉଦୋକ ଅଧରପଣାଲାଗି ଭୋଗ ହେବାରେ ମନ୍ଦିର ପହୁଡ଼ ପଡ଼ିବାର ବିଧି ଅଦ୍ୟାବଧି ପ୍ରଚଳିତ । ପାର୍ବଣର ପବିତ୍ର ମହାଷ୍ଟମୀରେ ପୀଠରେ ମା'ଙ୍କର ବାର୍ଷିକୋତ୍ସବ ଅନୁଷ୍ଠିତ ହୁଏ। ବିଶ୍ୱାସ କରାଯାଏ ଏହି ଦିନ ବଡ଼ମ୍ବାର ଅନ୍ୟତମ ପ୍ରତ୍ୟେକ୍ଷ ଦେବୀ ଖାରୋଡ଼ ବାସିନୀ ମା ମହାକାଳୀ ଯାହାଙ୍କୁ ମା ଭଟ୍ଟାରିକାଙ୍କ ଭଉଣୀ ମାନ୍ୟତା ଦିଆଯାଇଛି ସେ ବି ପୀଠ ପରିଦର୍ଶନରେ ଆସନ୍ତି । ଏହି ଅଲୋକିକ ଲୋକକଥାକୁ ବିଶ୍ୱାସରେ ରଖି ମହାଷ୍ଟମୀ ଦିନ ଦେବୀ ଭଟ୍ଟାରିକାଙ୍କୁ କଳାଶାଢି ପରିହିତା କରାଯାଇ ମହାକାଳୀ ବେଶରେ ସଜ୍ଜିତ କରାଯିବାର ପରମ୍ପରା ଏଯାବତ୍ ଚଳି ଆସୁଛି ।ମହାଷ୍ଟମୀର ବିଳମ୍ବିତ ରାତିରେ ପୀଠରେ ଉଭାଯାତ୍ରା ଅନୁଷ୍ଠିତ ହୁଏ । ଏହି ଅବସରରେ ମନ୍ଦିର କାଳେଶୀଙ୍କ ଉଭା ଦେଖିବାକୁ ଆଖପାଖର ଶହଶହ ଭକ୍ତଙ୍କ ସମାଗମ ମନ୍ଦିର ବେଢାରେ ଦେଖିବାକୁ ମିଳେ ।

**ବରଦା ପ୍ରସନ୍ନ ପଟ୍ଟନାୟକ**
ସମୟ ପ୍ରତିନିଧି





# ବାଣପୁର ଭଗବତୀ



ବାଣପୁର ପ୍ରସିଦ୍ଧ ଶକ୍ତିପୀଠ ମା' ଭଗବତୀଙ୍କ ଶାରଦୀୟ ଦୁର୍ଗା ପୂଜା ଓ ଦଶହରା ରୀତିନୀତି ଅତ୍ୟନ୍ତ ନିଆରା ଏବଂ ଏହା ୧୬ ଦିନ ବ୍ୟାପି ଅନୁଷ୍ଠିତ ହୋଇଥାଏ। ଓଡ଼ିଶାର ଶାକ୍ତ ପରମ୍ପରାରେ ମା' ଭଗବତୀଙ୍କ ଏହି ଗୁପ୍ତ ପୂଜା ଓ ଦଶହରା ଉତ୍ସବ ଏକ ସ୍ୱତନ୍ତ୍ର ମହତ୍ୱ ରହିଛି। ମା' ଭଗବତୀଙ୍କ ପୀଠରେ ଦଶହରା ପୂଜାର ପ୍ରମୁଖ ବିଧାନଗୁଡ଼ିକ ହେଲା ସ୍ଥାନର ଅବଧି - ଏହି ପୂଜା ମୋଟ୍ ୧୬ ଦିନ ଧରି ଚାଲିଥାଏ। ଶାରଦୀୟ ପୂଜାର ପ୍ରଥମ ୭ ଦିନ ମା'ଙ୍କର ଗୁପ୍ତ ନୀତ ୭ ଟି ସ୍ୱତନ୍ତ୍ର ବଖରା ଘରେ ଅନୁଷ୍ଠିତ ହୋଇଥାଏ। ଏହାପରେ ବାକି ୯ ଦିନ ମା' ଭଗବତୀଙ୍କ ପୀଠ ବା ଗର୍ଭଗୃହରେ ସର୍ବସାଧାରଣ ପାଇଁ ପୂଜା କରାଯାଏ। ପୂଜା ଆରମ୍ଭ ପୂର୍ବରୁ ମା' ଭଗବତୀ ଚିଲିକାରେ ଅବସ୍ଥିତ ମା' କାଳିଜାଈଙ୍କୁ ଷୋଳପୂଜା ପାଇଁ ନିମନ୍ତ୍ରଣ କରି ମନ୍ଦିରକୁ ଫେରିବାର ଏକ ସ୍ୱତନ୍ତ୍ର ପରମ୍ପରା ରହିଛି।

ନବରାତ୍ରି ଏବଂ ଦଶହରା ସମୟରେ ମା'ଙ୍କୁ ପ୍ରତିଦିନ ସ୍ୱତନ୍ତ୍ର ଉପଚାରରେ ସ୍ନାନ କରାଯାଇ ଭିନ୍ନ ଭିନ୍ନ ବେଶରେ ସୁସଜ୍ଜିତ କରାଯାଏ। ଏହି ଦିନ ଗୁଡ଼ିକରେ ମା' ଭଗବତୀଙ୍କ ଉଗ୍ରତାରା ବେଶ, କାଳୀ ବେଶ, ମହିଷାମର୍ଦ୍ଦିନୀ ବେଶ ଆଦି ଦର୍ଶନ କରିବା ପାଇଁ ପ୍ରବଳ ଭିଡ଼ ହୋଇଥାଏ। ଭଗବତୀ ପୀଠକୁ ଏକ ପ୍ରମୁଖ ତାନ୍ତ୍ରିକ ପୀଠ ଭାବରେ ଗଣନା କରାଯାଇଥିବାରୁ ଏଠାରେ ଦଶହରା ସମୟରେ ବିଶେଷ ଗୁପ୍ତ ନୀତି କରାଯାଏ। ଏହି ପୂଜାରେ ବଳି ପରମ୍ପରାର ବିଶେଷ ଗୁରୁତ୍ୱ ରହିଛି । ପୂର୍ବ କାଳରେ ଏଠାରେ ଜୀବ ବଳି ଦିଆଯାଉଥିବା ବେଳେ ବର୍ତ୍ତମାନ ସେହି ସ୍ଥାନରେ ଲାଉ ପାଣି କଖାରୁ ଏବଂ ବୋଇତ କଖାରୁ ଆଦି ବଳି ସ୍ୱରୂପ ଅର୍ପଣ କରାଯାଉଛି। ମହାଷ୍ଟମୀ ଦିନ ମା'ଙ୍କ ପାଖରେ ମହାଦୀପ ପ୍ରଜ୍ୱଳନ କରାଯାଏ ଏବଂ ଶାକ୍ତ ମତରେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ନବମୀ ତିଥିରେ ମା'ଙ୍କ ପାଖରେ ସ୍ୱତନ୍ତ୍ର ଭୋଗ ସହ ମାଛ ଭୋଗ ଅର୍ପଣ କରିବାର ପରମ୍ପରା ରହିଛି। ଏହି ଦିନ ମହିଳାମାନେ ମା' ପାଖରେ ନୂଆ ଶାଢ଼ି ବା ବସ୍ତ୍ର ଭୋଗ ଲଗାଇବା ପରେ ତାହାକୁ ପରିଧାନ କରିଥାଆନ୍ତି। ଦଶମୀ ତିଥିରେ ମା'ଙ୍କର ଅନ୍ତିମ ପୂଜାର୍ଚ୍ଚନା ଓ ଅବରାଜିତା ପୂଜା ସଂପନ୍ନ କରାଯାଏ। ଏହି ଦିନ ମା'ଙ୍କ ଆୟୁଧ ବା ଅସ୍ତ୍ରଶସ୍ତ୍ର ପୂଜା କରାଯିବା ସହ ବିଜୟ ଉସତ୍ୱ ପାଳନ କରାଯାଏ। ଏହା ପରେ ମା'ଙ୍କର ଶାରଦୀୟ ଷୋଳପୂଜାର ଅବସାନ ହୋଇଥାଏ ।

**ରଞ୍ଜନ ସାମନ୍ତରାୟ**
**ସମୟ ପ୍ରତିନିଧି**





# ମଙ୍ଗଳମୟୀ ମଙ୍ଗଳା

ଶରତର ଆଗମନରେ ପୃଥିବୀ ଶସ୍ୟଶ୍ୟାମଳା ହେବା ସହିତ ଦୂର ଗହୀରରେ କାଶତଣ୍ଡୀ ଫୁଲ ଦେଖି ସମସ୍ତଙ୍କ ମନରେ ଉଙ୍କିମାରେ ଧରାପୃଷ୍ଠ କୁ ମାଆ ଆସୁଛନ୍ତି । ମା ଙ୍କ ଆଗମନରେ ସମସ୍ତେ ପୁଲକିତ ହୋଇ ଉଠନ୍ତି, ଲାଗିପଡ଼ନ୍ତି ମା ଙ୍କୁ ପୂଜାର୍ଚ୍ଚନା ପାଇଁ, ମା ଙ୍କ ଆଶୀର୍ବାଦର ପରସ ପାଇବା ପାଇଁ । ପ୍ରତ୍ୟେକ ଶକ୍ତି ପୀଠ ଚଳଚଞ୍ଚଳ ହୋଇ ଉଠେ, ଉତ୍ସବମୁଖର ହୋଇଉଠେ,ସଜେଇ ହୋଇ ପଡେ ମା ଙ୍କ ସ୍ୱାଗତ ପାଇଁ । ଏହିପରି ଏକ ଶକ୍ତି ପୀଠ ପୁରୀ ଜିଲ୍ଲା କାକଟପୁର ବାସିନୀ ମା ମଙ୍ଗଳାଙ୍କ ପୀଠ । ମାତୃ ଉପାସନାର ଏକ ଅନନ୍ୟ ପୀଠ, ଯେଉଁଠାରେ ଜଗତର ନାଥ ଜଗନ୍ନାଥଙ୍କ ସମସ୍ତ ରୀତିନୀତି ଏଠାରେ ପରିଲକ୍ଷିତ ହୋଇଥାଏ । ଯେହେତୁ ଜଗନ୍ନାଥଙ୍କ ଏନ୍ତୁଡ଼ିଶାଳ କହିଲେ କାକଟପୁରକୁ ବୁଝାଇଥାଏ, ପୀଠ ର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା ମଙ୍ଗଳାଙ୍କ ଆଜ୍ଞା ରେ ଲିମ୍ବ କାଠ ଦାରୁରେ ପରିଗଣିତ ହୁଏ । ଦାରୁରୁ ଚତୁର୍ଦ୍ଧାମୂର୍ତ୍ତି ତିଆରି ହୁଅନ୍ତି,ସେଇ ମଙ୍ଗଳମୟୀ ମା ମଙ୍ଗଳାଙ୍କ ଲୀଳା ଅବର୍ଣ୍ଣନୀୟ । ମାଆ ମଙ୍ଗଳାଙ୍କର ବିଭିନ୍ନ ମାସର ବିଭିନ୍ନ ଯାନିଯାତ୍ରା ମଧ୍ୟରେ ଶରତ ଋତୁରେ ଶାରଦୀୟ ପାର୍ବଣ ପୂଜା ଅନ୍ୟତମ। ପବିତ୍ର ପାର୍ବଣ ଆଶ୍ୱିନ ମାସ ମୂଳାସପ୍ତମୀ ତିଥିରେ ସହସ୍ରାକୁମ୍ଭାଭିଷେକ ଓ ଘଟ ସ୍ଥାପନ ପୂର୍ବକ ମା ଦୁର୍ଗାଙ୍କୁ ଆବାହନ କରାଯାଏ । ମୂଳାଷ୍ଟାମୀଠାରୁ ଷୋଡଶଦିନାତ୍ମକ ପୂଜା ଆରମ୍ଭ ହୋଇ ଶୁକ୍ଳ ପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳ ପୂଜା ବା ପାର୍ବଣ ପୂଜାଚାଲିଥାଏ । ଏହି ପୂଜା, ଭିତର ପୂଜା, ବାହାର ପୂଜା, ଓ ସନ୍ଧି ପୂଜା ଭାବେ ଅତ୍ୟନ୍ତ ନିଷ୍ଠାର ସହିତ ପ୍ରଚଳିତ ରୀତିନୀତି ଅନୁସାରେ ହୋଇଥାଏ। ପାର୍ବଣରେ ମାଆଙ୍କ ସାହସ୍ରକୁମ୍ଭାଭିଷେକ ୧୦ ୮ କଳସ ଶୁଦ୍ଧ ସୁଗନ୍ଧ ଯୁକ୍ତ, ହଳଦୀ, ଚୁଆ, ଅଗୁରୁ, ଚନ୍ଦନ ମିଶ୍ରିତ ଜଳ ଦ୍ୱାରା ମହାସ୍ନାନ କରାଯାଏ । ଯାହାକି ସାହାଣ ମେଲା କରାଯାଏ ଭକ୍ତ ମାନଙ୍କ ଦର୍ଶନ ନିମନ୍ତେ। ବ୍ୟତିକ୍ରମ ଏହିକି ଯେ ଅନ୍ୟଦିନ ମାନଙ୍କରେ ଚାରିକବାଟ ବନ୍ଦ କରି ମାଙ୍କ ସ୍ନାନ କରାଯାଏ। ବର୍ଷର ସବୁଦିନ ପାଞ୍ଚଉପଚାର ପଦ୍ଧତିରେ ମାଙ୍କୁ ପୂଜା କରାଯାଉଥିଲା ବେଳେ ପାର୍ବଣରେ ଷୋଡଶ ଉପଚାରରେ ପୂଜା ସ୍ୱତନ୍ତ୍ର ନିଯୁକ୍ତ ପୂଜାପଣ୍ଡାଙ୍କ ଦ୍ୱାରା ପୂଜା କରାଯାଏ। ମୂଳାଷ୍ଟାମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ପୀଠରେ ଚଣ୍ଡୀପାଠ କରାଯାଏ । ଚଣ୍ଡୀପାଠ ପୂର୍ବରୁ ମାଙ୍କୁ ସ୍ତୁତିଗାନ କରାଯାଏ,

ରୁପଂ ଦେହି ଜୟଂ ଦେହି,
ଯଶୋ ଦେହି, ଦ୍ୱିଷୋ ଦେହି ॥

ମା ତୁମେ ରୂପ ଦିଅ, ଜୟ ପ୍ରଦାନ କର, ଯଶ ଦିଅ, ଶତ୍ରୁ ମାନଙ୍କ କବଳ ରୁ ରକ୍ଷା କର।

ମା ମଙ୍ଗଳା ପରମବୈଷ୍ଣବୀ ଦେବୀ ଭାବେ ଖ୍ୟାତ । ମା ଙ୍କ ନିଜସ୍ୱ ମନ୍ତ୍ର ଅଗୋଚର ଥିବାବେଳେ, ମା ବନ ଦୁର୍ଗା ମନ୍ତ୍ର ରେ ପୂଜା ହୁଅନ୍ତି । ମା ଙ୍କ ଠାରେ ବର୍ଷ ସାରା ନିରାମିଷ ଭୋଗ ହେଉଥିବା ବେଳେ ପାର୍ବଣ ରେ ବନ ଦୁର୍ଗାଙ୍କ ପାଇଁ ଆମିଷ ଭୋଗ କରାଯାଏ । ଯେଉଁ ଭୋଗ ମାଙ୍କ ଆସ୍ଥାନ ପିଣ୍ଡିରେ ବଢ଼ା ନ ଯାଇ ବାହାର ଅର୍ଗଳୀ ଠାରେ ସମର୍ପଣ କରାଯାଇଥାଏ । ପାର୍ବଣ ସମୟ ରେ ପୀଠରେ, ପ୍ରତିଦିନ ଷୋଡଶ ଉପଚାରରେ



ପୂଜା ହୋଇଥାଏ । ପ୍ରତିଦିନ ସ୍ନାନ, ମାର୍ଜନା, ସୂର୍ଯ୍ୟ ପୂଜା, ସକାଳ ଧୂପ, ଦ୍ୱିପହର ଧୂପ, ଭଅଣ୍ଡ ସରିଲା ପରେ ପହୁଡ଼ ପଡିଥାଏ । ପହୁଡ଼ ଫିଟା ନୀତି ପରେ ସନ୍ଧ୍ୟା ଆଳତୀ କରାଯାଇ ମହାସ୍ନାନ କରାଯାଏ । ମା ଙ୍କୁ ମହାସ୍ନାନ କରାଯାଇ ପ୍ରତିପଦ ଠାରୁ ମହା ନବମୀ ପର୍ଯ୍ୟନ୍ତ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ । ବେଶ ନୀତି ଅନୁଷ୍ଠିତ ପରେ ମା ରତ୍ନ ଗିରି କୁ ମହିଷାସୁର ଠାବ ପାଇଁ ଭ୍ରମଣୀ ରେ ଯାଇ ଥାଆନ୍ତି । ଏହି ଭ୍ରମଣୀ ନୀତିରେ ମାଙ୍କ ଚଳନ୍ତି ପ୍ରତିମା ମଣିବିମାନରେ ଅବସ୍ଥାନ କରି ନିକଟସ୍ଥ ରତ୍ନଗିରି ମଣ୍ଡପକୁ ଯାଇଥାନ୍ତି। ସେଠାରେ ମାଆଙ୍କ ଗୁପ୍ତ ନୀତି ସରିଲା ପରେ ପୁନର୍ବାର ମନ୍ଦିର କୁ ଫେରି ଆସିଥାନ୍ତି। ସେଠାରେ ଆଦିମାତାଙ୍କ ସହିତ ମା ଦୁର୍ଗାଙ୍କ ଫଂକ୍ତି ଭୋଗ ସହିତ ବନ୍ଦାପନା ଆଳତୀ ପରେ ମାଙ୍କ ବେଶ ପଣା ଭୋଗ ସହିତ ବେଶ ନୀତି ସାହାଣମେଲା କରାଯାଏ । ଏହିପରି ଭାବରେ ପ୍ରତିଦିନ ମାଙ୍କ ବିଭିନ୍ନ ନୀତି ଅନୁଯାୟୀ ବିଭିନ୍ନ ବେଶ ହୋଇଥାଏ । ଏହି ଅବସରରେ ମା ମଙ୍ଗଳାଙ୍କ ନବପତ୍ରିକା ପୂଜା ଆରମ୍ଭ ରେ ନାଲିକଲି ଓ ଭୁଜ ଲାଗି, କଳାକଲି ଇତ୍ୟାଦି ବେଶ ପରେ ପଞ୍ଚମୀ ରେ ତୀର କମାଣ ବଶେ, ଷଷ୍ଠୀ ପୂଜା ବା କାତ୍ୟାୟାନୀ ବେଶ (କାର୍ତ୍ତିଖପର), ସପ୍ତମୀ ପୂଜାରେ ସିଂହବାହିନୀ ବେଶ, ମହାଷ୍ଟମୀ ପୂଜା ରେ ମହିଷାମର୍ଦ୍ଦିନୀ ବେଶ, ମହା ନବମୀ ରେ ମହା ସ୍ନାନ ଓ ଶାନ୍ତି ହୋମ କରାଯାଇ ଶାନ୍ତି ବେଶ, ସେଦିନ ମା ଙ୍କୁ ଶୁଭ୍ର ବସ୍ତ୍ର ପରିଧାନ କରାଇବା ସହିତ ଶୁଭ୍ର ପୁଷ୍ପ ବ୍ୟବହାର କରାଯାଇଥାଏ। ପରଦିନ ଦଶମୀରେ ସ୍ୱମେଶ୍ୱ ମହାଦେବଙ୍କ ପୀଠରେ ହର ଦୁର୍ଗା ଭେଟ କରାଯାଇ ପୂଜା ସମାପନ ହେବାସହିତ ବିଜୟାଦଶମୀ ପାଳନ କରାଯାଏ ।

**ତଥ୍ୟ: ମାନସ ଦିକ୍ଷୀତ (ସେବାୟତ)**

**ପ୍ରସ୍ତୁତି: ପ୍ରଶାନ୍ତ କୁମାର ଜେନା, ସମୟ ପ୍ରତିନିଧି**



# ତାରାତାରିଣୀ

ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମାଆ ତାରାତାରିଣୀଙ୍କ ପୀଠରେ ରୀତିନୀତି ଓ ଶ୍ରଦ୍ଧାର ସହିତ ପାଳନ ହୋଇଥାଏ ଷୋଡ଼ଶ ଉପଚାର ପୂଜା । ପବିତ୍ର ମୂଳାଷ୍ଟମିଠାରୁ ମାଁ ତାରାତାରିଣୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ପରମ୍ପରା ରହିଆସିଛି । ପ୍ରଥମ ସନ୍ଧ୍ୟାରେ ଋଷିକୂଲ୍ୟା ନଦୀରୁ ମନ୍ଦିର ସେବାୟତ ପରିବାରର ମହିଳା ମାନେ ସହସ୍ରାଧିକ ମାଠିଆରେ ପାଣି ଧରି ପାହାଚ ଚଢ଼ି ମନ୍ଦିରରେ ପହଞ୍ଚିବା ପରେ ମାଁଙ୍କୁ ସେବାୟତ ମାନଙ୍କ ଦ୍ୱାରା ସ୍ନାନ କରାଯାଇଥାଏ । ଏହାପରେ ମାଆଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଥାଏ । ଏହି ଦିନ ଅନେକ ଭକ୍ତଙ୍କର ସମାଗମ ପୀଠରେ ଦେଖିବାକୁ ମିଳିଥାଏ । ରାଜ୍ୟରେ ରହିଥିବା ପ୍ରମୁଖ ଶକ୍ତିପୀଠରୁ ଅନ୍ୟତମ ହେଉଛି ଗଞ୍ଜାମ ଜିଲ୍ଲାର ମାଆ ତାରାତାରିଣୀଙ୍କ ପୀଠ । ପୂଜାର ପ୍ରଥମ ଦିନରେ ମନ୍ଦିରର ସେବାୟତ ଓ ସେବାୟତଙ୍କ ପରିବାରର ମହିଳା ମାନେ ଋଷିକୂଲ୍ୟା ନଦୀ ନିକଟରେ ପହଞ୍ଚି ରୀତିନୀତି ଅନୁଯାୟୀ ପୂଜା କରାଯାଇଥାଏ । ଏହାପରେ ସେବାୟତ ପରିବାରର ମହିଳା ମାନେ ସହସ୍ରାଧିକ ମାଠିଆରେ ନଦୀରୁ ପାଣି ସଂଗ୍ରହ କରିଥାଆନ୍ତି । ନଦୀ ନିକଟରେ ପୂଜା ସରିବା ପରେ ମହିଳା ମାନେ ମୁଣ୍ଡରେ ମାଠିଆ ଧରି ୯ ୯ ୯ ପାହାଚ ଚଢ଼ି ମାଆଙ୍କ ମନ୍ଦିରରେ ପହଞ୍ଚନ୍ତି । ଏହାପରେ ମାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ମନ୍ଦିର ପରିସରରେ ରହିଥିବା ସ୍ନାନ ମଣ୍ଡପକୁ ମା ଙ୍କୁ ଅଣାଯାଇଥାଏ । ସେଠାରେ ମାଙ୍କୁ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା କରିବା ପରେ ମାଙ୍କୁ ସ୍ନାନ କରାଯାଇଥାଏ । ଏହାପରେ ପୁଣିଥରେ ସ୍ନାନ ମଣ୍ଡପରୁ ମାଁଙ୍କୁ ମୁଖ୍ୟ ମନ୍ଦିରକୁ ନିଆଯାଏ । ଏହିଭଳି ଭାବେ ମାଆଙ୍କର ଷୋଡଶ ଉପଚାର ପୂଜା ଆରମ୍ଭ ହୋଇଥାଏ । ମୂଳାଷ୍ଟମି ଠାରୁ ମହାଷ୍ଟମି ପର୍ଯ୍ୟନ୍ତ ମାଆ ତାରାତାରୀଣିଙ୍କ ପୀଠରେ ପ୍ରତ୍ୟହ ଚଣ୍ଡିପାଠ, ହୋମ, ଯଜ୍ଞ ସହ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥାଏ । ଷୋଡ଼ଶ ଉପଚାର ପୂଜା ସମୟରେ ମାଆଙ୍କୁ ଦର୍ଶନ କଲେ ସମସ୍ତ ଦୁଃଖ ଲାଘବ ହୁଏ ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି ।





**ପ୍ରସ୍ତୁତି: ବାବୁଲା ପାଣିଗ୍ରାହୀ**
**ସମୟ ପ୍ରତିନିଧି**




# ମା' କଟକଚଣ୍ଡୀ

ହସୁଛି କାଶତଣ୍ଡି, ସ୍ୱାଗତ କରୁଛି ପାର୍ବଣକୁ। ଶାରଦୀୟ ପାର୍ବଣ ଆଗମନୀରେ ଚଳଚଞ୍ଚଳ ହେବ ରୂପାନଗରୀ କଟକ। ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀଠାରୁ ଆରମ୍ଭ ହେବ କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ପ୍ରସିଦ୍ଧ ଷୋଡଶ ଦିନାତ୍ମକ ପୂଜା । ୨୦୨୬ ଅକ୍ଟୋବର ୩ରୁ ଏହି ସ୍ୱତନ୍ତ୍ର ଆରାଧନା ଆରମ୍ଭ ହୋଇ ବିଜୟା ଦଶମୀ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାର ଶକ୍ତି ଉପାସନା ପରମ୍ପରାରେ ମା' କଟକ ଚଣ୍ଡୀଙ୍କ ଏହି ଷୋଡଶ ପୂଜାର ସ୍ୱତନ୍ତ୍ର ସ୍ଥାନ ରହିଛି । ପ୍ରତିଦିନ ମା'ଙ୍କୁ ଭିନ୍ନ ଭିନ୍ନ ଦେବୀ ରୂପରେ ସଜ୍ଜିତ କରାଯାଇଥାଏ । ଷୋଡଶ ପୂଜାର ଏହି ୧୬ ଦିନରେ ମା'ଙ୍କ ଅଲୌକିକ ବେଶ ଦର୍ଶନ ପାଇଁ କେବଳ କଟକ ନୁହେଁ, ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥାଏ । ପୂଜା, ଚଣ୍ଡୀପାଠ, ହୋମଯଜ୍ଞ ଓ ସ୍ୱତନ୍ତ୍ର ନୀତିକାନ୍ତି ସହ ମା'ଙ୍କ ବେଶ ଏହି ଉତ୍ସବର ପ୍ରମୁଖ ଆକର୍ଷଣ ।

ମୂଳାଷ୍ଟମୀ ଦିନରୁ ମା'ଙ୍କ ସ୍ୱତନ୍ତ୍ର ପୂଜାର ଆରମ୍ଭ ହୁଏ । ପ୍ରଚଳିତ ପରମ୍ପରା ଅନୁସାରେ ଏହି ଦିନ ସହସ୍ର କୁମ୍ଭାଭିଷେକ, ଘଟସ୍ଥାପନ ଓ ବିଭିନ୍ନ ନୀତିକାନ୍ତି ମାଧ୍ୟମରେ ମା'ଙ୍କ ଶାରଦୀୟ ଆରାଧନାର ଶୁଭାରମ୍ଭ କରାଯାଏ । ଭୋରୁ ମଙ୍ଗଳ ଆଳତି, ସ୍ନାନ, ମାଜଣା, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ସହସ୍ର କୁମ୍ଭାଭିଷେକ, ଅନ୍ନଭୋଗ ଓ ଆଳତି ଆଦି ନୀତି ସମ୍ପନ୍ନ ହେବା ପରେ ମା'ଙ୍କ ସ୍ୱତନ୍ତ୍ର ବେଶର ପ୍ରସ୍ତୁତି ହୋଇଥାଏ । ଷୋଡଶ ଉପଚାର ପୂଜାରେ ଦେବୀଙ୍କୁ ଅତିଥି ବା ଗୃହର ମାନ୍ୟ ଅତିଥି ଭାବେ ସମ୍ମାନ ଦେଇ ପୂଜା କରାଯାଏ। ମନ୍ଦିରର ନିର୍ଦ୍ଦିଷ୍ଟ ନୀତିକ୍ରମ ଓ ସମୟ ପରମ୍ପରା ଅନୁସାରେ କିଛି ଅନ୍ତର ହୋଇପାରେ ।

## ପୂଜାର ପ୍ରମୁଖ ପର୍ଯ୍ୟାୟ

**ପ୍ରଭାତୀ ନୀତି :** ମଙ୍ଗଳ ଆଳତି, ଦ୍ୱାରଫିଟା, ମା'ଙ୍କ ସ୍ନାନ, ମାଜଣା, ବସ୍ତ୍ର ପରିବର୍ତ୍ତନ ଓ ଶୃଙ୍ଗାର କରାଯାଏ । ଏହା ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ଘଟସ୍ଥାପନ ହୁଏ ।

**ପୂଜାର ମୁଖ୍ୟ ପର୍ଯ୍ୟାୟ :** ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ସ୍ନାନ ବା ଅଭିଷେକ, ବସ୍ତ୍ର, ଆଭୂଷଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଲ ଓ ନମସ୍କାର । ଏହି ଷୋଡଶ ଉପଚାର ମାଧ୍ୟମରେ ଦେବୀଙ୍କୁ ପୂଜା କରାଯାଏ ।

**ମଧ୍ୟାହ୍ନ ନୀତି :** ଅନ୍ନଭୋଗ, ଫଳ, ମିଠା ଓ ଅନ୍ୟାନ୍ୟ ନୈବେଦ୍ୟ ଅର୍ପଣ କରାଯାଏ । ଏହି ସମୟରେ ଭକ୍ତମାନେ ଭୋଗ ଅର୍ପଣ, ଦୀପଦାନ ଓ ମାନସିକ ପୂଜା କରନ୍ତି।

**ଅପରାହ୍ଣ ଓ ସନ୍ଧ୍ୟା :** ଚଣ୍ଡୀପାଠ, ମନ୍ତ୍ରଜପ, ହୋମଯଜ୍ଞ, ଧୂପଦୀପ ଓ ସନ୍ଧ୍ୟା ଆଳତି ହୁଏ । ଏହି ସମୟରେ ପୀଠରେ ଶଙ୍ଖଧ୍ୱନି, ଘଣ୍ଟା, ହୁଳହୁଳି ଓ ମନ୍ତ୍ରୋଚ୍ଚାରଣରେ ଆଧ୍ୟାତ୍ମିକ ପରିବେଶ ଅଧିକ ଗାଢ଼ ହୋଇଥାଏ ।

**ରାତ୍ରି ନୀତି :** ରାତ୍ରି ଭୋଗ, ଶୟନ ଆଳତି ଓ ନିର୍ଦ୍ଦିଷ୍ଟ ଶୟନ ନୀତି ପରେ ଦିନର ପୂଜା ସମାପ୍ତ ହୁଏ । ମହାସପ୍ତମୀ, ମହାଅଷ୍ଟମୀ,











ମହାନବମୀ ଓ ବିଜୟା ଦଶମୀରେ ଏହି ନୀତିକ୍ରମ ସହ ଅତିରିକ୍ତ ବିଶେଷ ପୂଜା ଓ ହୋମ ହୋଇଥାଏ ।

# ଷୋଡଶ ଶକ୍ତିର ଆବାହନ

ମା' କଟକ ଚଣ୍ଡୀଙ୍କ ଷୋଡଶ ବେଶ କେବଳ ଅଳଙ୍କାର ନୁହେଁ ; ଶାକ୍ତ ପରମ୍ପରାରେ ଦେବୀଙ୍କ ବିଭିନ୍ନ ଶକ୍ତିସ୍ୱରୂପର ପ୍ରତୀକାତ୍ମକ ଉପାସନା ଭାବେ ଏହାକୁ ଦେଖାଯାଏ। ବିଭିନ୍ନ ପ୍ରକାଶିତ ବିବରଣୀରେ ମା'ଙ୍କ ୧୬ଟି ବେଶର ତାଲିକାରେ ଭୁବନେଶ୍ୱରୀ, ରାଜରାଜେଶ୍ୱରୀ, ମାତଙ୍ଗୀ, ଗାୟତ୍ରୀ, ବଗଳାମୁଖୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହିଷମର୍ଦ୍ଦିନୀ ଭଳି ରୂପର ଉଲ୍ଲେଖ ମିଳେ। ସେହିପରି ସିଂହବାହିନୀ, ତ୍ରିପୁରଗୌରବୀ, ଉଗ୍ରତାରା, ଜୟଦୁର୍ଗା, ସିଦ୍ଧେଶ୍ୱରୀ, ହଂସବାହିନୀ ଓ ହରଚଣ୍ଡୀ ଭଳି ରୂପର ମଧ୍ୟ ଉଲ୍ଲେଖ ରହିଛି।

**୧. ଭୁବନେଶ୍ୱରୀ ବେଶ:** ଷୋଡ଼ଶ ପୂଜାର ଆରମ୍ଭରେ ମା' କଟକ ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ ଦର୍ଶନର ଏକ ବିଶେଷ ମହତ୍ତ୍ୱ ରହିଛି। 'ଭୁବନେଶ୍ୱରୀ' ଅର୍ଥ ଭୁବନ ବା ସମଗ୍ର ଜଗତର ଈଶ୍ୱରୀ।ଶାକ୍ତଦର୍ଶନରେସେଆଦ୍ୟାଶକ୍ତିଙ୍କ ଏକମହାନସ୍ୱରୂପ।

**୨. ମାତଙ୍ଗୀ ବେଶ:** ବାଣୀ ଓ ଜ୍ଞାନର ଶକ୍ତି ମାତଙ୍ଗୀ ଦଶମହାବିଦ୍ୟାର ଅନ୍ୟତମ ରୂପ। ତାଙ୍କୁ ବାଣୀ, ସଙ୍ଗୀତ, କଳା, ସୃଜନଶୀଳତା ଓ ଜ୍ଞାନର ଶକ୍ତି ସହ ସମ୍ପର୍କ କରାଯାଏ। ଯେଉଁଠାରେ ଶବ୍ଦ ଜ୍ଞାନର ରୂପ ନିଏ, ସେଠାରେ ମାତଙ୍ଗୀଙ୍କ ଶକ୍ତି ପ୍ରକାଶ ପାଏ ବୋଲି ଶାକ୍ତ ପରମ୍ପରାରେ ବିଶ୍ୱାସ।

**୩. ଷୋଡ଼ଶୀ ବେଶ:** ଷୋଡ଼ଶୀ ନାମଟି ନିଜେ 'ଷୋଡ଼ଶ' ବା ୧୬ ସହ ଜଡ଼ିତ। ଶ୍ରୀବିଦ୍ୟା ପରମ୍ପରାରେ ଷୋଡ଼ଶୀଙ୍କୁ ତ୍ରିପୁରସୁନ୍ଦରୀଙ୍କ ଏକ ଅତ୍ୟନ୍ତ ଗୁଢ଼ ରୂପ ଭାବେ ମନାଯାଏ। ସୌନ୍ଦର୍ଯ୍ୟ, ଚେତନା, ଜ୍ଞାନ ଓ ଶକ୍ତିର ସମନ୍ୱୟ ଏହି ରୂପର ମୂଳ ତତ୍ତ୍ୱ।

**୪.ନାରାୟଣୀ ବେଶ :**'ନାରାୟଣୀ' ନାମ ଦେବୀମାହାତ୍ମ୍ୟରେ ମଧ୍ୟ ଦେବୀଙ୍କ ସ୍ତୁତି ସହ ଜଡ଼ିତ । ଏହି ରୂପରେ ଶକ୍ତି ଓ ବିଷ୍ଣୁତତ୍ତ୍ୱର ଏକ ଆଧ୍ୟାତ୍ମିକ ସମନ୍ୱୟ ଦେଖାଯାଏ ।

**୫. ରାଜରାଜେଶ୍ୱରୀ ବେଶ:** ରାଜରାଜେଶ୍ୱରୀ ଅର୍ଥ ରାଜାମାନଙ୍କର ମଧ୍ୟ ରାଣୀ, ସର୍ବୋଚ୍ଚ ଅଧିଶ୍ୱରୀ। ଏହି ରୂପରେ ଦେବୀଙ୍କୁ ଐଶ୍ୱର୍ଯ୍ୟ, ରାଜସିକ ଗରିମା ଓ ସର୍ବଶକ୍ତିର ପ୍ରତୀକ ଭାବେ ଚିନ୍ତନ କରାଯାଏ।

**୬. ଜୟଦୁର୍ଗା ବେଶ:** 'ଜୟଦୁର୍ଗା' ଅର୍ଥ ବିଜୟ ପ୍ରଦାନ କରୁଥିବା ଦୁର୍ଗା। ପୁରାଣରେ ଦେବୀ ଦୁର୍ଗାଙ୍କ ମହିଷାସୁର ବଧ କଥା ଶକ୍ତି ଓ ଧର୍ମର ବିଜୟର ପ୍ରତୀକ। ଏହି ବେଶର ମୂଳ ଭାବ ଅନ୍ୟାୟ, ଅଶୁଭ ଓ ଅହଂକାର ଉପରେ ଧର୍ମର ବିଜୟ।

**୭. ଉଗ୍ରତାରା ବେଶ:** ତାରା ଦଶମହାବିଦ୍ୟାର ଅନ୍ୟତମ ରୂପ।



ଉଗ୍ରତାରା ରୂପରେ ଦେବୀଙ୍କ ଶକ୍ତି ଅଧିକ ତୀବ୍ର ଓ ରକ୍ଷାକାରୀ ଭାବେ ପ୍ରକାଶ ପାଏ । 'ତାରା'ର ଅର୍ଥ ହେଉଛି ଯିଏ ତାରଣ କରନ୍ତି, ଅର୍ଥାତ୍ ବିପଦରୁ ପାର କରାନ୍ତି ।

**୮. ହରଚଣ୍ଡୀ ବେଶ:** ହରଚଣ୍ଡୀ ଓଡ଼ିଶାର ଶାକ୍ତ ପରମ୍ପରାରେ ଏକ ପ୍ରଭାବଶାଳୀ ଦେବୀରୂପ। ବିଭିନ୍ନ ଅଞ୍ଚଳରେ ହରଚଣ୍ଡୀଙ୍କୁ ଗ୍ରାମ, ଜନପଦ ଓ ଲୋକଜୀବନର ରକ୍ଷାକାରୀ ଦେବୀ ଭାବେ ଆରାଧନା କରାଯାଏ ।

**୯. ବନଦୁର୍ଗା ବେଶ:** ବନଦୁର୍ଗା ଅର୍ଥ ବନର ଦେବୀ, ବନାଞ୍ଚଳର ରକ୍ଷାକାରୀ ଶକ୍ତି । ବନଦୁର୍ଗା ରୂପ ମାଧ୍ୟମରେ ମା'ଙ୍କୁ କେବଳ ମନ୍ଦିରରେ ନୁହେଁ, ସମଗ୍ର ପ୍ରକୃତିରେ ବିଦ୍ୟମାନ ଶକ୍ତି ଭାବେ ଦେଖାଯାଏ ।

**୧୦. ତ୍ରିପୁରା ଭୈରବୀ ବେଶ:** ତ୍ରିପୁରା ଭୈରବୀ ଦଶମହାବିଦ୍ୟା ପରମ୍ପରାର ଏକ ଶକ୍ତିଶାଳୀ ରୂପ । 'ଭୈରବୀ' ରୂପରେ ଦେବୀଙ୍କ ତେଜ, ତପସ୍ୟା ଓ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ ଦେଖାଯାଏ । ଏହି ରୂପ ମଣିଷକୁ ନିଜ ଭିତରର ଭୟ ଓ ଅଜ୍ଞାନକୁ ଜୟ କରିବାର ପ୍ରେରଣା ଦେଉଥିବା ଭାବେ ବ୍ୟାଖ୍ୟା କରାଯାଏ।

**୧୧. ଗାୟତ୍ରୀ ବେଶ:** ଗାୟତ୍ରୀ ହିନ୍ଦୁ ପରମ୍ପରାରେ ବେଦମନ୍ତ୍ର ଓ ଜ୍ଞାନର ମହାଶକ୍ତି ସହ ଜଡ଼ିତ। ଗାୟତ୍ରୀ ମନ୍ତ୍ରରେ ସୂର୍ଯ୍ୟସ୍ୱରୂପ ସବିତାଙ୍କ ଦିବ୍ୟ ତେଜକୁ ଧ୍ୟାନ କରି ବୁଦ୍ଧିକୁ ସତ୍‌ପଥରେ ପ୍ରେରିତ କରିବାର ପ୍ରାର୍ଥନା ରହିଛି। ମା'ଙ୍କ ଗାୟତ୍ରୀ ବେଶ ଜ୍ଞାନ, ବିବେକ ଓ ଆଲୋକର ପ୍ରତୀକ ।

**୧୨. ବଗଳାମୁଖୀ ବେଶ:** ବଗଳାମୁଖୀ ଦଶମହାବିଦ୍ୟାର ଏକ ପ୍ରମୁଖ ରୂପ। ଶାକ୍ତ ସାଧନାରେ ତାଙ୍କୁ ଶତ୍ରୁଶକ୍ତି, ଅଶୁଭ ବାଣୀ ଓ ବିଘ୍ନକୁ ନିୟନ୍ତ୍ରଣ କରୁଥିବା ଶକ୍ତି ଭାବେ ଉପାସନା କରାଯାଏ । ଏହି ବେଶର ଗଭୀର ତାତ୍ତ୍ୱିକ ଅର୍ଥ ସବୁଠୁ ବଡ଼ ଶତ୍ରୁ ହେଉଛି ମନର ଅହଂକାର ଓ ଅସଂଯମ ।

**୧୩. ମହାକାଳୀ ବେଶ:** ମହାକାଳୀ ହେଉଛନ୍ତି ଦେବୀଙ୍କ ଉଗ୍ରତମ ଶକ୍ତିର ପ୍ରତୀକ। 'କାଳ'କୁ ଯିଏ ନିୟନ୍ତ୍ରଣ କରନ୍ତି, ସେହି ମହାକାଳୀ। ଦେବୀମାହାତ୍ମ୍ୟର ବିଭିନ୍ନ ଯୁଦ୍ଧକଥାରେ ଦେବୀଙ୍କ ଉଗ୍ର ରୂପ ଅଶୁଭ ଶକ୍ତିର ବିନାଶ କରେ । ମହାକାଳୀ ବେଶ ଭକ୍ତଙ୍କୁ ଏକ ଗଭୀର ସତ୍ୟ ମନେ ପକାଏ ଅନ୍ଧକାର ଯେତେ ଗଭୀର ହେଉ, ଶକ୍ତିର ଆଲୋକ ତାହାକୁ ଭେଦ କରିପାରେ ।

**୧୪. ମହାଲକ୍ଷ୍ମୀ ବେଶ:** ମହାଲକ୍ଷ୍ମୀ କେବଳ ଧନ-ସମ୍ପତ୍ତିର ଦେବୀ ନୁହନ୍ତି; ଶ୍ରୀ, ସୌଭାଗ୍ୟ, ସମୃଦ୍ଧି, ଶାନ୍ତି ଓ ମଙ୍ଗଳର ପ୍ରତୀକ ଭାବେ ତାଙ୍କୁ ଉପାସନା କରାଯାଏ। ମା' କଟକ ଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶରେ ଭକ୍ତମାନେ ପରିବାରର ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରନ୍ତି। ଶାକ୍ତ ଦର୍ଶନରେ ଏଠାରେ ଶକ୍ତିର ଏକ କୋମଳ ଓ ମଙ୍ଗଳମୟ ରୂପ ପ୍ରକାଶ ପାଏ ।

**୧୫. ମହାସରସ୍ୱତୀ ବେଶ:** ମହାସରସ୍ୱତୀ ହେଉଛନ୍ତି ଜ୍ଞାନ, ବିଦ୍ୟା, କଳା, ସଙ୍ଗୀତ ଓ ବୁଦ୍ଧିର ଦେବୀ । ଦୁର୍ଗା ଉପାସନାରେ ମହାସରସ୍ୱତୀ ରୂପ ଦେବୀଙ୍କ ଶୁଭ୍ର, ଜ୍ଞାନମୟ ଓ ସାତ୍ତ୍ୱିକ ଶକ୍ତିକୁ ପ୍ରକାଶ କରେ। ମା'ଙ୍କ ଏହି ବେଶ ଦର୍ଶନ କରି ଛାତ୍ରଛାତ୍ରୀ, ଶିକ୍ଷାର୍ଥୀ ଓ କଳାକାରମାନେ ଜ୍ଞାନ ଓ ସୃଜନଶୀଳତା ପାଇଁ ଆଶୀର୍ବାଦ ମାଗିଥାନ୍ତି ।

**୧୬. ମହିଷମର୍ଦ୍ଦିନୀ ବେଶ:** ଷୋଡ଼ଶ ପୂଜାର ଶେଷ ଭାଗର ସବୁଠାରୁ ଶକ୍ତିଶାଳୀ ରୂପ ହେଉଛି ମହିଷମର୍ଦ୍ଦିନୀ । ଦେବୀମାହାତ୍ମ୍ୟର ପ୍ରସିଦ୍ଧ ପୁରାଣକଥା ଅନୁସାରେ ମହିଷାସୁର ଦେବତାମାନଙ୍କୁ ପରାଜିତ କରି ତିନିଲୋକରେ ଅତ୍ୟାଚାର କରିଥିଲା । ଦେବତାମାନଙ୍କ ସମସ୍ତ ତେଜ ଏକତ୍ରିତ ହୋଇ ମହାଶକ୍ତି ଦୁର୍ଗାଙ୍କ ଆବିର୍ଭାବ ହୋଇଥିଲା। ଦେବୀ ଯୁଦ୍ଧ କରି ମହିଷାସୁରଙ୍କୁ ବଧ କରିଥିଲେ।

**ପ୍ରଫୁଲ୍ଲ କୁମାର ମହାନ୍ତି**
ସମୟ ପ୍ରତିନିଧି



# ମା' ସମଲେଶ୍ୱରୀ

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ସମଲେଶ୍ୱରୀଙ୍କ ଷୋଡ଼ଶ ପୂଜା ବା ଷୋଳପୂଜା ହେଉଛି ପଶ୍ଚିମ ଓଡ଼ିଶାର ସବୁଠୁ ପ୍ରାଚୀନ, ପବିତ୍ର ଓ ରହସ୍ୟମୟ ଶାରଦୀୟ ପର୍ବ । ପ୍ରତିବର୍ଷ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ବା ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇ ଦଶହରା ପର୍ଯ୍ୟନ୍ତ ଦୀର୍ଘ ୧୬ ଦିନ ଧରି ଏହି ମହାପୂଜା ଚାଲିଥାଏ। ହିନ୍ଦୁ ଶାସ୍ତ୍ରରେ ୧୬ ସଂଖ୍ୟା ପୂର୍ଣ୍ଣତାର ପ୍ରତୀକ ଅଟେ । ଷୋଡ଼ଶ କଳା, ଷୋଡ଼ଶ ମାତୃକା, ଷୋଡ଼ଶ ଶୃଙ୍ଗାର ପିତୃପକ୍ଷର ଏହି ୧୬ ଦିନରେ ଯେତେବେଳେ ସାଧାରଣ ଲୋକେ ପିତୃପୁରୁଷଙ୍କୁ ତିଳ ତର୍ପଣ କରୁଥାନ୍ତି, ସମଲେଶ୍ୱରୀ ପୀଠରେ ମାଆ ନିଜେ ଶକ୍ତି ଜାଗରଣ ପାଇଁ ପ୍ରସ୍ତୁତ ହୁଅନ୍ତି । ଏହି ସମୟରେ ମାଆଙ୍କୁ ଆଦିଶକ୍ତି ଦୁର୍ଗାଙ୍କ ୧୬ଟି ଭିନ୍ନ ସ୍ୱରୂପରେ ଦୁର୍ଗା, ନାରାୟଣୀ, ଈଶାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ଭଗବତୀ, ଶର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଏବଂ ସନାତନୀ ଭାବେ ପୂଜା କରାଯାଏ । ଚୌହାନ ବଂଶର ପ୍ରଥମ ରାଜା ବଳରାମ ଦେବ ୧୫୪୦ ମସିହାରେ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରି ମାଆ ସମଲେଶ୍ୱରୀଙ୍କୁ ରାଜ୍ୟର ଇଷ୍ଟଦେବୀ ରୂପେ ପ୍ରତିଷ୍ଠା କରିଥିଲେ। ସେହି ସମୟରୁ ଏହି ଷୋଡ଼ଶ ପୂଜା ରାଜକୀୟ ପରମ୍ପରା ଭାବେ ଚାଲି ଆସୁଛି । କିମ୍ବଦନ୍ତୀ କହେ, ରାଜା ଯୁଦ୍ଧକୁ ଯିବା ପୂର୍ବରୁ ଏହି ୧୬ ଦିନ ମାଆଙ୍କ ବିଶେଷ ପୂଜା କରି ଶକ୍ତି ସଂଗ୍ରହ କରୁଥିଲେ । ପରବର୍ତ୍ତୀ ସମୟରେ ସମ୍ବଲପୁରର ପ୍ରତିପ୍ରତ୍ତି ବୃଦ୍ଧି ହେବା ସହ ମାଆ ସମଲେଶ୍ୱରୀଙ୍କ ଖ୍ୟାତି ବୃଦ୍ଧି ପାଇଥିଲା । ସମ୍ବଲପୁର ପରେ ପାଟଣା ଓ ପରେ ଅନ୍ୟ ଅଞ୍ଚଳରେ ମାଙ୍କ ମନ୍ଦିରମାନ ନିର୍ମାଣ ହୋଇଥିଲା । ପୁଅ ଜିଉଁତିଆ ପରେ ମାଆଙ୍କ ପୀଠରେ ଷୋଡ଼ଶ ପୂଜା ହୋଇଥାଏ। ବିଜୟା ଦଶମୀର ୯ ଦିନ ପୂର୍ବରୁ ନବରାତ୍ର ପୂଜା ହୁଏ । ଏହି ସମୟରେ ଭକ୍ତ ମାନେ ଅଖଣ୍ଡ ଦୀପ ମାନସିକ କରି ଜାଳିଥାନ୍ତି। ଏଥିରେ ମାନସିକ ପୂରଣ ହୁଏ ବୋଲି ମାନସିକଧାରୀଙ୍କର ବିଶ୍ୱାସ ରହିଛି।

ଷୋଡ଼ଶ ପୂଜାର ଆତ୍ମା ହେଉଛି ୧୬ଟି ମାଟି ଦୀପ ବା ମାନସିକ ଦୀପ ପ୍ରାଚୀନ କାଳରେ ସନ୍ତାନହୀନ ଦମ୍ପତି, ରୋଗାକ୍ରାନ୍ତ ବ୍ୟକ୍ତି ମାନସିକ କରି ମାଆଙ୍କ ପାଖରେ ଦୀପ ଜାଳୁଥିଲେ । ଆଜି ବି ମନ୍ଦିର ଗର୍ଭଗୃହ ସମ୍ମୁଖରେ ଏହି ଦୀପ ଅହୋରାତ୍ର ଜଳିଥାଏ।



ମୁଖ୍ୟ ପୂଜକମାନେ ଏହି ୧୬ ଦିନ ଅତି କଠୋର ନିୟମ ପାଳନ କରିଥାନ୍ତି । ପୂଜକମାନେ ଅତି ନିଷ୍ଠାର ସହ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି । ସେମାନେ ଭୂମି ଶଯ୍ୟା ଗ୍ରହଣ କରିବା ସହ ସଜନ କରି ପୂଜା କାର୍ଯ୍ୟ ସମ୍ପାଦନ କରନ୍ତି । ମହାଷ୍ଟମୀ ଦିନ ୧୬ ପ୍ରକାର ମିଷ୍ଟାନ ମାଆଙ୍କ ନିକଟରେ ଭୋଗ କରାଯାଏ । ଏହି ଦିନ ନିଶାରାତ୍ରରେ ମାଆଙ୍କ ଗର୍ଭଗୃହରେ ସନ୍ଧିପୂଜା ହୋଇଥାଏ । ଏଥିସହ ଭାଇ ଜୁଇଁତିଆ ପର୍ବ ପାଳନ କରାଯାଏ । ଛାଗବଳି ଦେବାର ନିୟମ ମଧ୍ୟ ରହିଛି । ଚଣ୍ଡୀହୋମ ବ୍ରାହ୍ମଣ ଦ୍ୱାରା ସମ୍ପନ୍ନ କରାଯାଉଥିବା ବେଳେ କ୍ଷତିୟ ପୂଜକ କର୍ତ୍ତା ଦାୟିତ୍ୱ ତୁଲାଇଥାଆନ୍ତି। ଶୁକ୍ଲପକ୍ଷ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ନବଦୁର୍ଗା ବେଶରେ ମାଆ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ଏଥିରେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରୀ, ମହାଗୌରୀ ଓ ନବରାତ୍ରର ଶେଷ ରାତ୍ରୀରେ ସିଦ୍ଧିଧାତ୍ରୀ ବେଶ ଅନୁଷ୍ଠିତ ହୋଇଥାଏ , କୁମାର ପୂର୍ଣ୍ଣମୀ ଦିନ ରାଜରାଜେଶ୍ୱରୀ ବେଶ ହୋଇଥାଏ। ଷୋଡ଼ଶ ପୂଜାର ଚରମ ମୁହୂର୍ତ୍ତ ହେଉଛି ମହାଳୟା ବର୍ଷର ୩୬୨ ଦିନ ରକ୍ତବର୍ଣ୍ଣ ସିନ୍ଦୂରରେ ରହୁଥିବା ମାଆ ଏହି ଦିନ ସମ୍ପୂର୍ଣ୍ଣ ଶ୍ୱେତ ବସ୍ତ୍ର, ଶ୍ୱେତ ଫୁଲ ଓ ମୋତି ଅଳଙ୍କାରରେ ସଜ୍ଜିତ ହୁଅନ୍ତି। ଏହାକୁ ଧବଳମୁଖୀ ବେଶ ବା ଗଙ୍ଗା ବେଶ କୁହାଯାଏ । ବିଶ୍ୱାସ ଅଛି, ମହାଳୟାରେ ମାଁ ଗଙ୍ଗା ରୂପ ଧାରଣ କରି ପିତୃପୁରୁଷଙ୍କୁ ମୁକ୍ତି ଦିଅନ୍ତି । ଏହି ରୂପ ଦର୍ଶନ କଲେ ଗଙ୍ଗା ସ୍ନାନର ପୁଣ୍ୟ ମିଳେ । ମାଆ ଅଢ଼େଇ ଦିନ ଏହି ବେଶରେ ରୁହନ୍ତି ଶଙ୍ଖ ଓ ଗୋପୀ ଚନ୍ଦନ ଘୋରି ଦେବୀଙ୍କୁ ଧବଳମୁଖୀ ବେଶ କରାଯାଏ । ପୂଜକମାନେ ମଧ୍ୟ ଧଳା ବସ୍ତ୍ର ପିନ୍ଧନ୍ତି । ଏହି ଦିନ ସ୍ୱତନ୍ତ୍ର ମୁଗ ବରା ଭୋଗ ଅର୍ପଣ ହୁଏ । ଷୋଡ଼ଶ ପୂଜା ଶେଷ ହେବା ମାତ୍ରେ ପୀଠରେ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୁଏ । କେବଳ ସମଲେଶ୍ୱରୀ ନୁହେଁ ସମ୍ବଲପୁରର ପାଟଣେଶ୍ୱରୀ, ଦଲେଇପଡ଼ା ଓ ଅଇଁଠାପାଲିର ବାଟମଙ୍ଗଳା, ଦୁର୍ଗାପାଲି ଓ ଗୋପାଲପାଲିର ବନଦୁର୍ଗା, ଫାଟକର ମହାମାୟା, କ୍ଷେତରାଜପୁରର ବୈଷ୍ଣୋଦେବୀ, ଖଣ୍ଡୁଆଲର ନିମ୍ବସରିଏନ୍, ବାଲିବନ୍ଧାର ବୁଢ଼ୀମାଁ, ବଡ଼ରମାର ବନଦୁର୍ଗା ପ୍ରଭୃତି ସମସ୍ତ ଦେବୀ ପୀଠରେ ଷୋଡ଼ଶ ଉପଚାର ପୂଜା କରାଯାଇଥାଏ ।

**ଉପସ୍ଥାପନା: ସତ୍ୟଜିତ୍ ମହାପାତ୍ର**
ସମୟ ପ୍ରତିନିଧି



# ମା’ ରାମଚଣ୍ଡୀ

ଆରମ୍ଭ ହୋଇଛି ଶାରଦୀୟ ଦୁର୍ଗାପୂଜା। ମା’ଙ୍କ ଆଗମନକୁ ନେଇ ଚଳଚଞ୍ଚଳ ହୋଇଉଠିଛି ବିଭିନ୍ନ ଦେବୀପୀଠ। ଶରତର ଆଗମନ ସହ ପାର୍ବଣର ମାହୋଲରେ ମୁଖରିତ ହୋଇଛି ପୁରପଲ୍ଲୀ । ଏହି ପରିପ୍ରେକ୍ଷୀରେ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା’ ରାମଚଣ୍ଡୀଙ୍କ ପୀଠରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଷୋଡ଼ଶୋପଚାର ପୂଜାବିଧି। ମା’ଙ୍କ ବିଭିନ୍ନ ବେଶ ଓ ସ୍ୱତନ୍ତ୍ର ରୀତିନୀତି ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ମଧ୍ୟ ଜମିବାରେ ଲାଗିଛି । କୋଣାର୍କଠାରୁ ପୁରୀ ଅଭିମୁଖେ ପ୍ରାୟ ୯ କିଲୋମିଟର ଦୂରରେ ବେଳାମାର୍ଗ କଡ଼ରେ କୁଶଭଦ୍ରା ନଦୀ କୂଳରେ ଅବସ୍ଥିତ ମା’ ରାମଚଣ୍ଡୀଙ୍କ ପବିତ୍ର ପୀଠ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ପୀଠ କୋଣାର୍କର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ଏକ ପ୍ରମୁଖ ପ୍ରତୀକ । ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା’ ରାମଚଣ୍ଡୀଙ୍କୁ ପ୍ରମୁଖ ଦେବୀ ଭାବେ ପୂଜା କରାଯାଏ । ମା’ଙ୍କ ମାହାତ୍ମ୍ୟକୁ ନେଇ ସାରଳା ମହାଭାରତ, ପୁରୁଷୋତ୍ତମ ମାହାତ୍ମ୍ୟ, ମାଦଳା ପାଞ୍ଜି ସମେତ ବିଭିନ୍ନ ଐତିହାସିକ ବିବରଣୀ ଓ ଲୋକକଥାରେ ଉଲ୍ଲେଖ ମିଳେ । ଲୋକକଥା ଅନୁଯାୟୀ, କଳାପାହାଡ଼ଙ୍କ ଆକ୍ରମଣ ସମୟରେ ମା’ ରାମଚଣ୍ଡୀ ମାଲୁଣୀ ବେଶ ଧାରଣ କରି କୁଶଭଦ୍ରା ନଦୀକୁ ପାଣି ଆଣିବା ବାହାନାରେ ଯାଇ ଅନ୍ତର୍ଦ୍ଧାନ ହୋଇଥିଲେ । ପରେ ମା’ଙ୍କ ଆଦେଶରେ ନଦୀକୂଳରେ ପୀଠ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବାର କିମ୍ବଦନ୍ତୀ ରହିଛି।



ଶାରଦୀୟ ପୂଜା ଅବସରରେ ଏହି ପୀଠର ପୂଜାବିଧି ମଧ୍ୟ ବେଶ୍ ସ୍ୱତନ୍ତ୍ର । ଅନ୍ୟାନ୍ୟ ଶକ୍ତିପୀଠରେ ଦିନକୁ ଥରେ ଚଣ୍ଡୀପାଠ ହେଉଥିବା ବେଳେ ମା’ ରାମଚଣ୍ଡୀଙ୍କ ପୀଠରେ ଦୁଇବେଳା ଚଣ୍ଡୀପାଠ କରାଯାଏ । ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମା’ଙ୍କ ସ୍ୱତନ୍ତ୍ର ପୂଜା ସହ ପ୍ରତିଦିନ ବିଭିନ୍ନ ବେଶରେ ଦର୍ଶନ ଦେଇଥାନ୍ତି ମା’ । ଷୋଡ଼ଶ ପୂଜା ଅବସରରେ ପ୍ରଥମ ଦିନ ସହସ୍ର କୁମ୍ଭାଭିଷେକ ଓ କଳସ ସ୍ଥାପନ, ଦ୍ୱିତୀୟ ଦିନ ସୁନାବେଶ, ତୃତୀୟ ଦିନ ଭୁବନେଶ୍ୱରୀ ବେଶ, ଚତୁର୍ଥ ଦିନ ମାତଙ୍ଗୀ ବେଶ, ପଞ୍ଚମ ଦିନ ବୈଷ୍ଣବୀ ବେଶ, ଷଷ୍ଠ ଦିନ ସିଦ୍ଧେଶ୍ୱରୀ ବେଶ, ସପ୍ତମ ଦିନ ଉଗ୍ରତାରା ବେଶ ଓ ଅଷ୍ଟମ ଦିନ ତ୍ରିପୁରା ଭୈରବୀ ବେଶରେ ମା’ଙ୍କୁ ସଜ୍ଜିତ କରାଯାଏ । ଏହାପରେ ନବମ ଦିନ ଜଗଦ୍ଧାତ୍ରୀ, ଦଶମ ଦିନ ଷୋଡ଼ଶୀ, ଏକାଦଶ ଦିନ ସିଂହବାହିନୀ, ଦ୍ୱାଦଶ ଦିନ ହରଚଣ୍ଡୀ ଓ ଗାୟତ୍ରୀ, ତ୍ରୟୋଦଶ ଦିନ ବଗଳାମୁଖୀ, ଚତୁର୍ଦ୍ଦଶ ଦିନ ମହାକାଳୀ, ପଞ୍ଚଦଶ ଦିନ ମହାଲକ୍ଷ୍ମୀ ଓ ଷୋଡ଼ଶ ଦିନ ମହାସରସ୍ୱତୀ ବେଶରେ ମା’ଙ୍କ ଦର୍ଶନ ମିଳିଥାଏ । ବିଜୟା ଦଶମୀ ତିଥିରେ ମା’ ମହିଷାମର୍ଦ୍ଦିନୀ ବେଶରେ ଦର୍ଶନ ଦେଉଥିବା ବେଳେ ପରବର୍ତ୍ତୀ ଦିନ ସୁନାବେଶ ଅନୁଷ୍ଠିତ ହୋଇଥାଏ । ଏହି ପୀଠର ଆଉ ଏକ ସ୍ୱତନ୍ତ୍ର ପରମ୍ପରା ହେଉଛି ମାଛ ପୋଡ଼ା ଭୋଗ । ପ୍ରତିଦିନ ବଳି ସ୍ୱରୂପ ମାଛ ପୋଡ଼ା ଭୋଗ ଲାଗିଥାଏ । ମାଛ ପୋଡ଼ାବଳିରେ ପଢ଼େ ବେଲପତ୍ର ପଡିବାର ସ୍ୱତନ୍ତ୍ର ନୀତି ଏଠାରେ ରହିଛି । ଏଥିସହ ଷୋଳ ଦିନ ଧରି ମା’ଙ୍କୁ ଏଣ୍ଡୁରି ପୀଠା ଭୋଗ ମଧ୍ୟ ଅର୍ପଣ କରାଯାଏ । ପୂଜାର ଏହି ନିଆରା ପରମ୍ପରା ଓ ମା’ଙ୍କ ବିଭିନ୍ନ ବେଶ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ ।

**ସ୍ୱାଧୀନ କୁମାର ନାୟକ**
ସମୟ ପ୍ରତିନିଧି



# ମା' ଚର୍ଚ୍ଚିକା

ପୁଣ୍ୟତୋୟା ମହାନଦୀ କୂଳରେ ରେଣୁକା ନଦୀ କୂଳରେ ରଚିକ ପର୍ବତରେ ଓଡ଼ିଶାର ଅନ୍ୟତମ ଶକ୍ତି ପୀଠରେ ଅବସ୍ଥାନ କରନ୍ତି ଇଷ୍ଟ ଦେବୀ ମାଆ ଚର୍ଚ୍ଚିକା। ମାଆଙ୍କ ନାମକରଣକୁ ନେଇ ରହିଛି ଅନେକ ରୋଚକ କଥା । ରଣାସୁରକୁ ବଧ କରି ଦେବତାମାନଙ୍କ ମଧ୍ୟରେ ହାସ୍ୟ ରୋଳ ସୃଷ୍ଟି କରି ଦେବତା ମଣ୍ଡଳୀରେ ଚର୍ଚ୍ଚିତ ହୋଇଥିବାରୁ ମାଆଙ୍କ ନାମ ହୋଇଛି ଚର୍ଚ୍ଚିକା । ମାଆ ଚର୍ଚ୍ଚିକାଙ୍କର ରହିଛି ଅନେକ ମହିମା। ଅନେକ ଅଲୌକିକ ଦୃଶ୍ୟ ମାଆ ଚର୍ଚ୍ଚିକାଙ୍କ ପୀଠରେ ଦେଖିବାକୁ ମିଳେ । ଶୋଳଦିନାତ୍ମକ ପୂଜାରେ ମାଆ ଚର୍ଚ୍ଚିକାଙ୍କ ମହିମା ଜାଣିହୁଏ । ଓଡ଼ିଶାର ଶକ୍ତି ପୀଠମାନଙ୍କ ମଧ୍ୟରୁ ବାଙ୍କୀର ଇଷ୍ଟ ଦେବୀ ମାଆ ଚର୍ଚ୍ଚିକାଙ୍କ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ସହିତ ରହିଛି ସମ୍ପର୍କ। ଯେଉଁଥିପାଇଁ ରଥ ଖଳାରେ ମାଆ ଚର୍ଚ୍ଚିକାଙ୍କୁ ପୂଜା କରାଯାଇଥାଏ । ମାଆ ଚର୍ଚ୍ଚିକାଙ୍କ ଠାରୁ ଆଜ୍ଞା ମାଳ ଆସିବା ପରେ ରଥଯାତ୍ରା ଆରମ୍ଭ ହେଉଥିବାର ଏବେ ବି ପ୍ରଚଳିତ । ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଏହି ରାସ୍ତା ଦେଇ କଣ୍ଟିଲୋର ନୀଳମାଧବଙ୍କ ଅନ୍ୱେଷଣରେ ଯାଉଥିଲେ ସେତେବେଳେ ଏହି ରୁଚିକ୍ ପର୍ବତ ଘୋର ଘନ ଅରଣ୍ୟ ମଧ୍ୟରେ ମାଆ ଚର୍ଚ୍ଚିକା ଙ୍କ ନିକଟରେ ରାଜା ଇନ୍ଦ୍ରଦ୍ୟୁମ୍ନ କିଭଳି ମହାପ୍ରଭୁ ନୀଳ ମାଧବ ଙ୍କୁ ପାଇବେ ମାଆ ଚର୍ଚ୍ଚିକା ଙ୍କ ନିକଟରେ ଅଧିଆ ପଡିଥିଲେ । ମାଆ ଚର୍ଚ୍ଚିକା ରାସ୍ତା ଦେଖାଇଥିବାରୁ ରାଜା ନୀଳମାଧବଙ୍କୁ ପାଇଥିଲେ ଯାହା କିମ୍ବଦନ୍ତୀରେ ରହିଛି । ଆଶ୍ୱିନ ମାସ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମାଆ ଚର୍ଚ୍ଚିକାଙ୍କ ପୀଠରେ ଷୋଡଦିନାତ୍ମକ ପୂଜା କରାଯାଏ । ପ୍ରତ୍ୟେକ ଦିନ ମାଆ ଚର୍ଚ୍ଚିକା ଭିନ୍ନ ଭିନ୍ନ ବେଶରେ ଭକ୍ତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି । ମୂଳାଷ୍ଟମୀ ଦିନ ମାଆ ଚର୍ଚ୍ଚିକାଙ୍କର ପହଡ ଖୋଲା ଯାଇ ଦ୍ୱାର ଫିଟା ପରେ ମଙ୍ଗଳା ଆଳତୀ, ମୁଖ ଧାବନ, ମୁଖ ପ୍ରକ୍ଷାଳନ କରାଯାଏ । ରାଜଗୁରୁ ଆସିବା ପରେ ରାଜ ଉଆସକୁ ଯାଆନ୍ତି । ରାଜଗୁରୁ ବାଙ୍କୀ ଗଡ ରାଜାଙ୍କ ଘରୁ ବରଣ ଚାଉଳ ଆଣିବା ପରେ ସହସ୍ରା କୁମ୍ଭାଭିଶେକ୍ ହୁଏ । ସହସ୍ରା କୁମ୍ଭାଭିଶେକ ଶେଷ ହେବା ପରେ ଘଟ ସ୍ଥାପନ କରାଯାଇ ମାଆ ଚର୍ଚ୍ଚିକାଙ୍କର ସ୍ନାନ କରାଯାଏ । ମୂଳାଷ୍ଟମୀ ଦିନ ମାଆ ସୁନା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି । ମାଆ ଚର୍ଚ୍ଚିକାଙ୍କ ପୀଠରେ



ଅଲୌକିକ ଦୃଶ୍ୟ ଦେଖିବାକୁ ମିଳେ । ଏହି ଷୋଳ ଦିନାତ୍ମକ ପୂଜାର ମୂଳାଷ୍ଟମୀ ଦିନ ଯେଉଁ କଳସ ସ୍ଥାପନ ହୁଏ । ତାହା ନବ ଦୂର୍ଗାଙ୍କୁ ଆବାହନ କରାଯାଇ ରାଜାଙ୍କ ଘରୁ ଉଷୁନା ଧାନ ଆସି କଳସ ସ୍ଥାପନ ହୋଇଥାଏ । ଏହି ଶୋଳ ଦିନ ପୂଜା ଚାଲିଥିବା ବେଳେ କଳସ ସ୍ଥାପନା ହୋଇଥିବା ଉଷୁନା ଧାନ ଏହି ଦିନ ରେ ଗଜା ହୋଇଥାଏ । ଉଷୁନା ଧାନ ଗଜା ହେଉଥିବାର ଦେଖାଯାଏ । ଯାହାକି ମାଆ ଚର୍ଚ୍ଚିକାଙ୍କ ମହିମା । ଅନ୍ୟ ଦିନମାନଙ୍କରେ ଉଷୁନା ଧାନ ଗଜା ହୁଏ ନାହିଁ । କିନ୍ତୁ ଶୋଳଦିନାତ୍ମକ ପୂଜାରେ ମାଆଙ୍କ କରୁଣାରୁ ଉଷୁନା ଧାନ ଗଜା ହୋଇଥାଏ । ନବରାତ୍ରରେ ମାଆ ଚର୍ଚ୍ଚିକା ବିଭିନ୍ନ ପ୍ରକାର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି । ବହୁ ଦୂର ଦୁରନ୍ତରୁ ଭକ୍ତମାନେ ମାଆ ଚର୍ଚ୍ଚିକାଙ୍କ କୃପା ଭିକ୍ଷା କରିବା ପାଇଁ ଧାଇଁ ଆସନ୍ତି । ମହାଷ୍ଟମୀ ଦିନ ପୂଜାରେ ମାଆ ଚର୍ଚ୍ଚିକା ୧୦୮ ରୌପ୍ୟ ମୁଣ୍ଡ ମାଳରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ମାଆ। ବର୍ଷକର ମହାଷ୍ଟମୀ ତିଥିରେ ମାଆ ମହିଁଶା ମର୍ଦିନୀ ବେଶରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶନ ଦିଅନ୍ତି । ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୁଏ । ଷୋଳ ଦିନାତ୍ମକ ପୂଜାରେ ମାଆଙ୍କ ନିକଟରେ ମାଣ୍ଡୁଅ, ଭୋଗ, ଗଜା ମୁଗ, ଆଖୁ ପରେ ପଣା ଲାଗି କରା ଯାଇ ଥାଏ । ମାଆ ଚର୍ଚ୍ଚିକାଙ୍କ ନିକଟରେ ପୂଜାର ସ୍ୱତନ୍ତ୍ରତା ରହିଛି । ମାଆ ଚର୍ଚ୍ଚିକାଙ୍କ ନିକଟରେ ଆମିଷ ଭୋଗ ହୁଏ । ବୈଶାଖ, କାର୍ତ୍ତିକ ଓ ମାଘ ମାସରେ ମାଆଙ୍କ ନିକଟରେ ଆମିଷ ଭୋଗ ଲାଗି ହୁଏ ନାହିଁ । କି ଗୁରୁବାର ଦିନ ଆମିଷ ଭୋଗ ହୋଇ ନ ଥାଏ । କିନ୍ତୁ ଏହି ଷୋଳଦିନାତ୍ମକ ପୂଜା ବା ନବରାତ୍ର ପୂଜା ସମୟରେ ପ୍ରତ୍ୟେକ ଦିନ ଆମିଷ ଭୋଗ ଲାଗି ହୁଏ । ଏହି ପ୍ରସାଦ ପାଇବା ପାଇଁ ବହୁ ମାନସିକ ଧାରୀ ଚାହିଁ ବସିଥାନ୍ତି । ଯିଏ ଯାହା ମନାସେ ମାଆ ଚର୍ଚ୍ଚିକା ତାଙ୍କ ମନ୍ ସ୍କାମନା ପୂରଣ କରିଥିବାର ବିଶ୍ୱାସ ରହିଛି। ନବମୀ ଦିନ ମାଆ ସରସ୍ୱତୀ ବେଶ ଓ ଦଶହରା ଦିନ ମାଆ ଅପରାଜିତା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି । କୁମାର ପୂର୍ଣ୍ଣିମା ଦିନ ମାଆ ଚର୍ଚ୍ଚିକା କୁଆଁରୀ ବେଶରେ ଦର୍ଶନ ଦିଅନ୍ତି । ଏହି ଦୁର୍ଲଭ ବେଶକୁ ଦର୍ଶନ କରିବା ପାଇଁ କାହିଁ ଯେ କେତେ ଦୁରରୁ ଧାଇଁ ଆସନ୍ତି । ଏବେ ନବରାତ୍ର ରେ ମାଆ ଚର୍ଚ୍ଚିକାଙ୍କ ପୀଠରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ।

**ପୂର୍ଣ୍ଣ ଚନ୍ଦ୍ର ସାହୁ**
**ସମୟ ପ୍ରତିନିଧି**



# ମା' ହିଙ୍ଗୁଳା

ଶିଳ୍ପନଗରୀ ତାଳଚେର ଅଞ୍ଚଳର ବହୁ ପ୍ରତେଖ୍ୟ ଦେବୀ ମା ହିଙ୍ଗୁଳା ତାଳଚେର କାହିଁକି ସମଗ୍ର ରାଜ୍ୟରେ ପରିଚିତ । ଯାହା ଫଳରେ ହିଙ୍ଗୁଳା ଯାତ୍ରା ସମୟରେ ସମଗ୍ର ରାଜ୍ୟରୁ ଓ ରାଜ୍ୟ ବାହାରୁ କେଉଁ କୋଣ ଅନୁକୋଣରୁ ଲକ୍ଷ ଲକ୍ଷ ଭକ୍ତ ମାନେ ଆସି ମା ଙ୍କୁ ଦର୍ଶନ କରିଥାନ୍ତି । ସେ ସମୟରେ ବିସ୍ତୀର୍ଣ୍ଣ ହିଙ୍ଗୁଳା ପୀଠ ଅଞ୍ଚଳଟି ଏକ ଲୋକାରଣ୍ୟରେ ପରିଣତ ହୋଇ ପଡିଥିବା ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥାଏ । ମା ଙ୍କ ନାମ ଅନେକ, ରୂପ ମଧ୍ୟ ଅନେକ । ଯିଏ ଯେଉଁ ରୂପରେ କିମ୍ବା ନାମରେ ଭକ୍ତଟି ଡାକିଥାଏ, ସେହି ନାମରେ ଓ ରୂପରେ ତାଙ୍କ ନିକଟରେ ପହଞ୍ଚିଥାଆନ୍ତି ମା ହିଙ୍ଗୁଳା । ଯାତ୍ରା ସମୟରେ ମା ହିଙ୍ଗୁଳା ଅଗ୍ନି ରୂପରେ ଦର୍ଶନ ଦେଇଥାନ୍ତି ଏବଂ ଅଗଣିତ ଭକ୍ତ ମାନେ ନେଇଥିବା ଲକ୍ଷ ଲକ୍ଷ ଟଙ୍କାର ଭୋଗରାଗ, ଧୂପ ଦୀପ ଅଗ୍ନି ରୁପୁଣି ମା ଙ୍କୁ ସମର୍ପଣ କରି ଥାଆନ୍ତି ଏବଂ କିଛି ସମୟ ପରେ ସେ ଗୁଡ଼ିକ ପୋଡ଼ି ପାଉଁଶ ହୋଇ ଯାଇଥାଏ, ଯାହା ଅତି ଆଶ୍ଚର୍ଯ୍ୟଜନକ । ଏପରି ଠାକୁରାଣୀ ଅନ୍ୟ କୌଣସିଠାରେ ଦେଖିବାକୁ ମିଳନ୍ତି ନାହିଁ । ପୂର୍ବ ପରମ୍ପରା ଅନୁଯାୟୀ ହିଙ୍ଗୁଳା ପୀଠରେ ବାର ମାସକୁ ତେର ପର୍ବ ପାଳନ କରାଯାଇଥାଏ । ସେଥି ମଧ୍ୟରୁ ଦଶହରା ପର୍ବ ଅନ୍ୟତମ । ଦଶହରା ପର୍ବ ପୂର୍ବରୁ ନଅ ଦିନ ବ୍ୟାପି ସେବକ ମାନେ ନିଷ୍ଠାର ସହ ରହି ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୃଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ, ସିଦ୍ଧିଦାତ୍ରୀ ଅନେକ ବିଧି ବିଧାନ ଅନୁଯାୟୀ ପାଳିତ ହୋଇଥାଏ ଏବଂ ପୂଜା ଅନୁଯାୟୀ ମାଙ୍କ ନବରାତ୍ର ପୂଜା ଗୁଡିକରେ ମାଙ୍କୁ ନଅ ପ୍ରକାରର ବେଶ କରାଯାଇଥାଏ । ସେ ସମୟରେ ମାଙ୍କ ତେଜ ଓ ରୂପ ଭିନ୍ନ ହୋଉପଡ଼ିଥବା ଦେଖିବାକୁ ମିଳିଥାଏ । ମା ଙ୍କ ମୁଖ୍ୟ



ସେବକ ପରମ୍ପରା ଅନୁଯାୟୀ ପୁରୁଷାନୁ କ୍ରମେ ଏବେ ୨୬ତମ ମାଙ୍କ ମୁଖ୍ୟ ସେବକ ଭାବେ କିଶୋର ଚନ୍ଦ୍ର ଦେହୁରୀ କାର୍ଯ୍ୟ କରି ଆସୁଥିଲା ବେଳେ ସେହିଭଳି ତାଳଚେର ଅଞ୍ଚଳର ୨୪ ତମ ରାଜା ସାହେବ ଜିତେନ୍ଦ୍ର ବୀରବର ହରି ଚନ୍ଦନ ବର୍ତ୍ତମାନ କାର୍ଯ୍ୟ ତୁଲାଇଥାନ୍ତି । ଏହା ସହସ୍ରାଧିକ ବର୍ଷ ନର ରାଜାଙ୍କ ଅମଳରୁ ଏହି ପରମ୍ପରା ଏଠାରେ ଚାଲି ଆସୁଛି । ବହୁ ବର୍ଷ ପୂର୍ବେ ଏଠାରେ ଅବସ୍ଥିତ ତତ୍‌କାଳୀନ ନଳ ରାଜା ବଂଶଧରଙ୍କ ଦେବୀ ହିଙ୍ଗୁଳୀ ଇଷ୍ଟଦେବୀ ହୋଇ ଥିବାରୁ ଏହି ସ୍ଥାନରେ ଅବସ୍ଥାପିତ କରାଯାଇଥିଲା । ସେ ସମୟରେ ଏକ କୋଚିଲା ଖାଇ ବୃକ୍ଷ ମୂଳେ ଓ ଚାଳ ଛପର ଥୁବା ଏକ ପିଣ୍ଡି ଉପରେ ହିଙ୍ଗୁଳା ଦେବୀ ପୂଜା ପାଇଥିଲେ । ଏହାପରେ ପ୍ରାୟ ୨୦୦ ବର୍ଷ ପୂର୍ବେ ତାଳଚେରର ରାଜା ସାହେବ ଦୟାନିଧ ବୀରବର ହରିଶ୍ଚନ୍ଦନ ଉକ୍ତ ପିଣ୍ଡି ଉପରେ କୋଠା ଘର ପ୍ରତିଷ୍ଠା କରିଥିଲେ । ଦଶହରା ଉପଲକ୍ଷେ ମୂଳା ଅଷ୍ଟମୀଠାରୁ ଦୀର୍ଘ ୧୬ ଦିନବ୍ୟାପୀ ହିଙ୍ଗୁଳାଙ୍କ ନିକଟରେ ପୂଜା ଅର୍ଚ୍ଚନା କରାଯାଇଥାଏ । ସେଥିମଧ୍ୟରୁ ନବରାତ୍ର ପୂଜା କରାଯିବା ସହ ବିଶେଷ କରି ଷଷ୍ଠି, ସପ୍ତମୀ, ନବମୀ,ଓ ଦାମୀ ପୂଜା କରାଯାଇଥାଏ । ଏହାର ଶେଷ ଦିବସରେ ଅର୍ଥାତ୍ ବିଜୟା ଦଶମୀରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଭିନ୍ନ ସମ୍ପ୍ରଦାୟର ଲୋକେ ପାରମ୍ପରିକ ପୋଷାକରେ ସୁସଜ୍ଜିତ ହୋଇ ହାତରେ ଅସ୍ତ୍ରଶସ୍ତ୍ର ଧରି ବୀର ଦପ୍ତରରେ ହିଙ୍ଗୁଳା ଠାକୁରାଣୀଙ୍କୁ ହାତରେ ନେଇ ବିଜୟ ଯାତ୍ରା ଅନୁଷ୍ଠିତ ହୋଇଥାଏ ଏବଂ ଏହି ଦିବସ ଗୁଡ଼ିକରେ ଦେବୀ ହିଙ୍ଗୁଳାଙ୍କୁ ସ୍ୱତନ୍ତ୍ର ଭାବେ ପୂଜା ଅର୍ଜନା କରାଯାଇଥାଏ । ପୂର୍ବେ ଆଜିର ଦିନରେ ଉକ୍ତ ଦେବୀପୀଠରେ ହଜାର ହଜାର ସଂଖ୍ୟକ ପଶୁ ଓ ପକ୍ଷୀ ବଳି ପଡ଼ିଥାଏ, ମାତ୍ର ଏବେ ଏହାର ବିଲୋପ ଘଟିଛି । ହିଙ୍ଗୁଳା ଠାକୁରାଣୀଙ୍କର ବର୍ଣ୍ଣ ସିନ୍ଦୂର ଭଳି ଲାଲ୍ ଏବଂ ବିଭିନ୍ନ ସମୟରେ ସେ ଭିନ୍ନ ଭିନ୍ନ ରୂପରେ ବିରାଜମାନ ହୋଇଥାନ୍ତି । ଯଥା କାଳୀ, ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା ଓ ଅଗ୍ନି ରୂପରେ ସେ ଭକ୍ତଙ୍କୁ ଦେଖା ଦେଇଥାନ୍ତି । ପିଣ୍ଡି ଉପରେ ପୂଜା ପାଇଁ ଆସୁଥିବା ଦେବୀ ମା ହିଙ୍ଗୁଳାଙ୍କ ଦୁଇ ପାର୍ଶ୍ୱରେ କୁହାଯାଉଥିବା ତାଙ୍କ ସହଚରୀ କୁଟେଇସୁଣୀ ଓ କରଡ଼େଇ ଅବସ୍ଥିତ । ଏଥିସହ ସେଠାରେ ଖମ୍ବେଶ୍ୱର ମହାଦେବ ଓ ଖମ୍ବେଶ୍ୱରୀ ଅବସ୍ଥିତ । ମାତ୍ର ଏଠାରେ କୌଣସି ଧୂପ ଓ ଦୀପ ଦିଆଯାଏ ନାହିଁ । ସେଥିନେଇ ଏହାକୁ ଅନ୍ଧାରି ପିଢ଼ି ବୋଲି କୁହାଯାଇଥାଏ । ପୁନଶ୍ଚ ଦେବୀ ହିଙ୍ଗୁଳାଙ୍କ ପିଢ଼ିତଳେ ବଳୀ ପିଣ୍ଡି ଅବସ୍ଥିତ । ପୂର୍ବେ ଏହି ଠାରେ ଦଶହରା ଓ ହିଙ୍ଗୁଳା ଯାତ୍ରା ସମୟରେ ହଜାର ହଜାର ସଂଖ୍ୟକ ପଶୁ ଓ ପକ୍ଷୀ ବଳିରେ ଉକ୍ତ ଅଞ୍ଚଳଟି ରକ୍ତ ରଂଜିତ ହୋଇ ପଡୁଥିଲା । ମାତ୍ର ପ୍ରାୟ ୩୫ବର୍ଷ ହେବ ଏଠାରେ ଆଦୌ ବଳୀ ଦିଆଯାଉନାହିଁ ବୋଲି ହିଙ୍ଗୁଳା ଦେବୀଙ୍କ ସେବକ ମାନେ ଏହା ପ୍ରକାଶ କରିଛନ୍ତି । ମା' ହିଙ୍ଗୁଳାଙ୍କ ବାହନ ବାଘ । ମା'ଙ୍କର ଅନେକ ସୁନା ଓ ରୂପା ଅଳଙ୍କାର ସମ୍ପତ୍ତି ରହିଛି । ବିଭିନ୍ନ ପୂଜା ପର୍ବାଣୀରେ ମା'ଙ୍କୁ ପାଟ ଶାଢ଼ି ସମେତ ସୁନା ଓ ରୂପା ଅଳଙ୍କାର ପିନ୍ଧାଯାଇଥାଏ । ଏହି ସମୟରେ ମା'' ସତେ ଯେପରି ବିଶ୍ୱସୁନ୍ଦରୀ, ଜଗତଜନନୀ ଭଳି ଶୋଭାପାଇଥାନ୍ତି । ଏକ ଆଶ୍ଚର୍ଯ୍ୟକର ତଥ୍ୟ ଏହା ଯେ ଯେବେ ତାଳଚେରର ରାଜା ସାହେବଙ୍କ ମୃତ୍ୟୁ ଘଟିଥାଏ, ସେବେ ଦେବୀ ହିଙ୍ଗୁଳାଙ୍କ ନୂଆ କଳେବର ହୋଇଥାଏ । ସେଥିନେଇ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା ଓ ବିଭିନ୍ନ ପୂଜା ଅର୍ଜନା ଇତ୍ୟାଦି କରାଯାଇଥାଏ । ତାଳଚେର ଗୋପାଳଗଡ଼ ତଥା ଗୋପାଳପ୍ରସାଦ ସିଙ୍ଗଡ଼ା ନଦୀକୂଳ ନିକଟସ୍ଥ ଏହି ହିଙ୍ଗୁଳାପୀଠ ଓ ମନ୍ଦିର ଅବସ୍ଥିତ । ୫୧ ଗୋଟି ଶକ୍ତିପୀଠ ମଧ୍ୟରୁ ଏହା ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ଭାବେ ପରିଗଣିତ । ଏଠାରେ ବାରମାସରେ ଅନେକ ପର୍ବପର୍ବାଣି ଅନୁଷ୍ଠିତ ହୋଇଥାଏ । ସେଥିମଧ୍ୟରୁ ମୁଖ୍ୟତଃ ହିଙ୍ଗୁଳା ଯାତ୍ରା ଓ ଦଶହରା ପର୍ବ ଅନ୍ୟତମ ।

**ସରୋଜ ମହାପାତ୍ର**
**ସମୟ ପ୍ରତିନିଧି**



# ବିଘ୍ନବିନାଶିନୀ ମା' ବିମଳା

ଶ୍ରୀ ଜଗନ୍ନାଥ ଧାମ କେବଳ ବୈଷ୍ଣବ ପରମ୍ପରାର ପ୍ରମୁଖ ପୀଠ ନୁହେଁ, ଏହା ଶାକ୍ତ ଓ ତାନ୍ତ୍ରିକ ପରମ୍ପରାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର । ଶ୍ରୀମନ୍ଦିରର ଅନ୍ତଃପ୍ରାକାରର ଦକ୍ଷିଣ - ପଶ୍ଚିମ କୋଣରେ ଅବସ୍ଥିତ ମା' ବିମଳାଙ୍କ ମନ୍ଦିର ଏହି ପରମ୍ପରାର ଏକ ପ୍ରମୁଖ ପ୍ରତୀକ । ମା' ବିମଳାଙ୍କୁ ପ୍ରମୁଖ ଶକ୍ତିପୀଠ ଭାବେ ଶାକ୍ତ ସମ୍ପ୍ରଦାୟରେ ବିଶେଷ ମାନ୍ୟତା ମିଳିଛି । ପରମ୍ପରା ଓ ମନ୍ଦିର ଇତିହାସ ସମ୍ପର୍କିତ ବିଭିନ୍ନ ମତ ଅନୁସାରେ, ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପୂର୍ବରୁ ମଧ୍ୟ ଏଠାରେ ଦେବୀ ବିମଳାଙ୍କ ଉପାସନା ପ୍ରଚଳିତ ଥିବା ବିଶ୍ୱାସ ରହିଛି । ମାଦଳା ପାଞ୍ଜି ସହିତ କେତେକ ପରମ୍ପରାରେ ଏହି ପୀଠର ପ୍ରାଚୀନତାକୁ ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ନିଆଯାଇଥାଏ । ବର୍ତ୍ତମାନ ଦୃଶ୍ୟମାନ ମନ୍ଦିରର ସ୍ଥାପତ୍ୟରେ ପରବର୍ତ୍ତୀ କାଳର ନିର୍ମାଣ ଓ ପୁନଃନିର୍ମାଣର ଛାପ ଦେଖିବାକୁ ମିଳେ । ଶାକ୍ତ ପରମ୍ପରାରେ ମା' ବିମଳାଙ୍କୁ ଆଦିଶକ୍ତିଙ୍କ ଏକ ପ୍ରମୁଖ ରୂପ ଭାବେ ପୂଜା କରାଯାଏ । ଶକ୍ତିପୀଠ ସମ୍ପର୍କିତ ପୌରାଣିକ ପରମ୍ପରାରେ ସତୀଙ୍କ ଅଙ୍ଗପତନ ସହ ଏହି ପୀଠର ସମ୍ପର୍କ ରହିଥିବା ବିଶ୍ୱାସ ଅଛି । ତେବେ ସତୀଙ୍କ କେଉଁ ଅଙ୍ଗ ଏଠାରେ ପତିତ ହୋଇଥିଲା, ଏନେଇ ବିଭିନ୍ନ ପରମ୍ପରାରେ ଭିନ୍ନ ମତ ଦେଖାଯାଏ । ଶ୍ରୀଜଗନ୍ନାଥ ଧାମର ଧାର୍ମିକ ପରମ୍ପରାରେ ମା' ବିମଳାଙ୍କ ମହତ୍ତ୍ୱର ଏକ ବିଶେଷ ଦିଗ ହେଉଛି ମହାପ୍ରସାଦ ପରମ୍ପରା । ଶ୍ରୀଜଗନ୍ନାଥଙ୍କୁ ଅର୍ପିତ ଭୋଗ ମା' ବିମଳାଙ୍କୁ ଅର୍ପଣ ପରେ ମହାପ୍ରସାଦର ମର୍ଯ୍ୟାଦା ପାଏ ବୋଲି ଶ୍ରୀମନ୍ଦିରର ପାରମ୍ପରିକ ଧାର୍ମିକ ବିଶ୍ୱାସ ରହିଛି । ଏହି ପରମ୍ପରା ଶ୍ରୀଜଗନ୍ନାଥ ଉପାସନାରେ



ବୈଷ୍ଣବ ଓ ଶାକ୍ତ ଧାରାର ସମନ୍ୱୟକୁ ପ୍ରତିଫଳିତ କରେ । ତାନ୍ତ୍ରିକ ପରମ୍ପରାରେ ମଧ୍ୟ ମା' ବିମଳାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି । କେତେକ ତାନ୍ତ୍ରିକ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କୁ ଭୈରବ ଏବଂ ମା' ବିମଳାଙ୍କୁ ଭୈରବୀ ଭାବେ ମାନ୍ୟତା ଦିଆଯାଏ । ବିଶେଷକରି ଶାରଦୀୟ ଦୁର୍ଗାପୂଜା ସମୟରେ ମା' ବିମଳାଙ୍କ ପୂଜାର ବିଶେଷ ଗୁରୁତ୍ୱ ରହିଥାଏ । ମୂଳାଷ୍ଟମୀ ଅବସରରେ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ମା'ବିମଳାଙ୍କ ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜା ପାରମ୍ପରିକ ରୀତିମତେ ଆରମ୍ଭ ହୋଇଥାଏ ଓ ଆଶ୍ୱିନ ଶୁକ୍ଳନବମୀ ପର୍ଯ୍ୟନ୍ତ ଚାଲେ । ଏହି ସମୟରେ ମହାସପ୍ତମୀ, ମହାଷ୍ଟମୀ, ମହାନବମୀ ଦିନ ଅର୍ଦ୍ଧରାତ୍ରି ସମୟରେ ଯେତେବେଳେ ମହାନିଶା ସମୟ ଆସିଥାଏ,ତିନି ଦିନ ସେହି ସମୟରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ । ଷୋଳପୂଜାର ପ୍ରଥମ ଓ ଶେଷ ଚାରିଦିନ ଛାଡ଼ି ପ୍ରତ୍ୟେକ ଦିନ ବିମଳାଙ୍କୁ ବିଭିନ୍ନ ବେଶ କରାଯାଏ । ଷୋଳପୂଜାର ଦ୍ୱିତୀୟ ଦିନଠାରୁ ଯଥାକ୍ରମେ ଭୁବନେଶ୍ୱରୀ, ବନଦୁର୍ଗା, ରାଜରାଜେଶ୍ୱରୀ, ଉଗ୍ରତାରା, ମାତଙ୍ଗୀ, ବଗଳା, ନାରାୟଣୀ, ସିଂହବାହିନୀ, ଶୂଳଦୁର୍ଗା ଓ ହରଚଣ୍ଡୀ ବେଶ କରାଯାଏ । କଳିଙ୍ଗ ସ୍ଥାପତ୍ୟଶୈଳୀରେ ନିର୍ମିତ ମା' ବିମଳାଙ୍କ ମନ୍ଦିରରେ ବିମାନ, ଜଗମୋହନ, ନାଟମଣ୍ଡପ ଓ ଭୋଗମଣ୍ଡପ ଭଳି ଅଂଶ ଦେଖିବାକୁ ମିଳେ । ମନ୍ଦିରର ଶିଳ୍ପକଳା ଓ ମୂର୍ତ୍ତିଗୁଡ଼ିକରେ ପ୍ରାଚୀନ କଳିଙ୍ଗ ସ୍ଥାପତ୍ୟର ବିଭିନ୍ନ ଲକ୍ଷଣ ପ୍ରକାଶ ପାଇଛି । ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମା' ବିମଳାଙ୍କ ପୀଠର ଉପସ୍ଥିତି ପୁରୀକୁ ବୈଷ୍ଣବ, ଶାକ୍ତ ଓ ତାନ୍ତ୍ରିକ ପରମ୍ପରାର ଏକ ଅନନ୍ୟ ସମନ୍ୱୟ କ୍ଷେତ୍ର ଭାବେ ପ୍ରତିଷ୍ଠିତ କରିଛି । ତେଣୁ ଶ୍ରୀମନ୍ଦିରର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟରେ ମା' ବିମଳାଙ୍କ ପୀଠର ସ୍ଥାନ ଅତ୍ୟନ୍ତ ସ୍ୱତନ୍ତ୍ର ।

**ବିଶ୍ୱଜିତ ପଟ୍ଟନାୟକ**
ସମୟ ପ୍ରତିନିଧି

# ଝଙ୍କଡ଼ବାସିନୀ ମା’



ଓଡ଼ିଶାର ବିଭିନ୍ନ ପ୍ରାଚୀନ ଶକ୍ତିପୀଠ ମାନଙ୍କରେ ସାର୍ବଜନୀନ ଶାରଦୀୟ ପାର୍ବଣ ପୂଜାର ପରମ୍ପରା ଦେଖିବାକୁ ମିଳିଥାଏ । ତନ୍ମଧ୍ୟରୁ ବାଣୀକ୍ଷେତ୍ର ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା ସାରଳା ଠାକୁରାଣୀଙ୍କର ଏହି ଷୋଳପାର୍ବଣ ପୂଜାର ସ୍ୱତନ୍ତ୍ରତା ରହିଛି । ଚଳିତବର୍ଷ ଅକ୍ଟୋବର ତିନି ତାରିଖ ଶନିବାର ମୂଳାଷ୍ଟମୀଠାରୁ ଆରମ୍ଭହୋଇ ଅଠର ତାରିଖ ରବିବାର ମହାଷ୍ଟମୀ ପୂଜା ଦିନ ଉଦଯାପିତ ହେବାକୁ ଯାଉଛି । ଏହି ଉପଲକ୍ଷେ ପ୍ରତ୍ୟେହ ପ୍ରାତଃ ସମୟରେ ଡାକବାଜି ଯନ୍ତ୍ର ଯୋଗେ ଦେବୀଙ୍କର ସ୍ତବ ସ୍ତୋତ୍ର ଆଦି ଗାନକରାଯାଇଥାଏ । ଦଶଦିଗପାଳପୂଜା, ପାର୍ଶ୍ୱଦେବୀ ପୂଜା ପରେ ମାଆଙ୍କ ଶ୍ରୀମୁଖ ପ୍ରଖାଳନ କରାଯାଇ ମଙ୍ଗଳଆଳତୀ ନୀତିସମ୍ପନ୍ନ ହୁଏ । ପ୍ରଥମେ ମଧୁସ୍ନାନ ଓ ପୁଷ୍ପମଣ୍ଡିତ କରାଯିବାପରେ ସକାଳ ସାତଟା ବେଳେ ହଳଦୀ ଚୁଆ ଓ ପଞ୍ଚାମୃତ ମାର୍ଜନା ପରେ ଅଭିନବ ବେଶରେ ମାଆଙ୍କୁ ସଜ୍ଜିତ କରିବା ପରେ ସର୍ବପ୍ରଥମେ ମହାପ୍ରଭୁଙ୍କ ଶ୍ରୀ ମହାପ୍ରସାଦ ଅର୍ପଣ କରାଯାଏ । ଦୈନିକ ପାଞ୍ଜିପାଠ, ବାଳଭୋଗ ପୂଜା, ସମୂହଚଣ୍ଡୀପାଠର ମନ୍ତ୍ରଧ୍ୱନିରେ ଏକ ଅପୂର୍ବ ଭକ୍ତିଭାବମୟ ପରିବେଶ ସୃଷ୍ଟିହୁଏ। ପ୍ରଥମପ୍ରହର ଧୂପ, ଚଣ୍ଡୀଧୂପ, ବଡ଼ସିଂହାର, ଷୋଡଶଉପଚାର ପୂଜା, ଦ୍ୱିତୀୟପ୍ରହର ଧୂପ ସହିତ ଯଜ୍ଞଶାଳାରେ ବିଶ୍ୱ ଶାନ୍ତିଯଜ୍ଞରେ ଆହୁତି ପ୍ରଦାନ ପରେ ପହୁଡ଼ ପଡେ। ଅପରାହ୍ନ ତିନିଟାରେ ପହୁଡ଼ ଖୋଲାଯାଇ ମାର୍ଜନା ପରେ ମାଆଙ୍କୁ ସନ୍ଧ୍ୟାବେଶ ରେ ସୁସଜ୍ଜିତ କରିଲା ପରେ ଆଳତୀ, ବିଡ଼ିଆ ପୂଜା, ଚାମରସେବା ପରେ ନାଟ୍ୟମଣ୍ଡପରେ ପୁରାଣପଣ୍ଡାଙ୍କ ଦ୍ୱାରା ଶୁଦ୍ରମୁନି ସାରଳାଦାସଙ୍କ ଚଣ୍ଡୀପୁରାଣ ପାଠ, ଜପଯଜ୍ଞ, ଓ ପ୍ରତିଦିନ ରାତି ନଅଟା ବେଳେ ଚଣ୍ଡୀଧୂପ ଉଠିବା ସହିତ ସମ୍ପୂର୍ଣ୍ଣ ସୁନାବେଶ ରେ ମାଆ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଆଶ୍ୱିନ ଶୁକ୍ଳ ପ୍ରତିପଦା ଅକ୍ଟୋବର ଏଗାର ତାରିଖ ଠାରୁ ଦଶହରା ପର୍ଯ୍ୟନ୍ତ ମାଆଙ୍କ ଦାଣ୍ଡଯାତ୍ରା ବା ନଗରପରିକ୍ରମା ଅନୁଷ୍ଠିତ ହୋଇଥାଏ । ମାଆଙ୍କ ଚଳନ୍ତିପ୍ରତିନିଧି ବିଜେପ୍ରତିମାଙ୍କୁ ଏକ ସୁସଜ୍ଜିତ ମଣିମୟ ବିମାନ ଆରୋହଣ କରାଯାଇ, ବର୍ଣ୍ଣାଢ୍ୟ ପଟୁଆର ମଧ୍ୟରେ ପ୍ରଥମଦିନ ପାଟିରୀକଣ ବାଟ, ଦ୍ୱତୀୟଦିନ ଗୋବିନ୍ଦଜୀଉ ମଠ, ତୃତୀୟଦିନ ଗୋପାଳମାନଙ୍କ ଗୋଠ, ଚତୁର୍ଥ ଦିନ ସାରଳା ପର୍ଶୁରାମ ଭେଟ, ଷଷ୍ଠଦିନ ଗୁପ୍ତଚନ୍ଦ୍ରଭାଗା ନଦୀର ବିଶ୍ୱମ୍ବର ଘାଟ ଓ ସପ୍ତମଦିନଠାରୁ ଦଶହରା ପର୍ଯ୍ୟନ୍ତ ମାଆଙ୍କର ପ୍ରାଚୀନପୀଠ, ବଡ଼ସାରୋଳ ଗ୍ରାମର ଲଣ୍ଡାଦେଉଳ ପୀଠକୁ ଯାତ୍ରାକରି ସେଠାରେ ପୂଜାର୍ଚ୍ଚନା ସରିବା ପରେ ସ୍ୱହଃ ପୀଠକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ୧୬/୧୭/୧୮ ଷଷ୍ଠି, ସପ୍ତମୀ ଓ ମହାଷ୍ଟମୀ ଦିନ ସନ୍ଧ୍ୟାବେଳେ ମାଆଙ୍କ ଆକର୍ଷଣୀୟ ମହିଷାମର୍ଦ୍ଦିନୀ ବେଶଦର୍ଶନ କରିବାପାଇଁ ପ୍ରବଳ ଭକ୍ତସମାଗମ ହୋଇଥାଏ। ଏଇ ତିନିଦିନ ବିଳମ୍ବିତ ରାତ୍ରୀରେ କାଳୀକାନୃତ୍ୟ ମନ୍ଦିର ବେଢା ଓ ପୀଠ ପରିକ୍ରମା କରିଥାଏ । ତେବେ ମହାଷ୍ଟମୀ ଦିନ ଦାଣ୍ଡଯାତ୍ରା ସାରି ମାଆ ମନ୍ଦିରକୁ ଫେରିଲାପରେ ମନ୍ଦିର ସୌଧ କରାଯିବା ପରେ ସନ୍ଧିପୂଜା ବସେ। ଶହଶହ ପାଟମଠା ଶାଢ଼ୀ ଓ ବେତାବେତା ଫୁଲମାଳ ମାଆଙ୍କୁ ସଜ୍ଜିତ କରାଯାଏ । ଅତୀତରେ ଏହି ସନ୍ଧିପୂଜାରେ ଏକ ଜୀବନ୍ତ ମହିଷକୁ ବଳି ପକାଯାଉଥିଲା ମାତ୍ର ୧୯୪୬ ମସିହାରେ ତତକାଳୀନ ସଂସ୍କାରବାଦୀ ନେତା ନିଶାମଣି ଖୁଣ୍ଟିଆଙ୍କ ଗଣଆନ୍ଦୋଳନ ଓ ସର୍ବୋପରି ମାଆଙ୍କ ନିର୍ଦ୍ଦେଶରେ ଏହି ବଳିପ୍ରଥା ର ଉଛେଦ ଘଟିଛି । ବଳି ପରିବର୍ତ୍ତେ, ଏକ ବଳିପଣା ହାଣ୍ଡି ସହିତ ଶହେ ଆଠପ୍ରକାରର ଅମଣିଆ ପ୍ରସ୍ତୁତ କରାଯାଇ ଏହି ସନ୍ଧିପୂଜାରେ ଭୋଗଲାଗି ହୋଇଥାଏ । ଅଷ୍ଟମୀ ଯାଉଥିବ ଓ ନବମୀ ଆସୁଥିବ ଏହି ସନ୍ଧି କ୍ଷଣର ପୂଜାକୁ ସନ୍ଧିପୂଜା ବୋଲି କୁହାଯାଏ । ଠିକ ପ୍ରାତଃ ସମୟରେ ସନ୍ଧିପୂଜାର ପରିସମାପ୍ତି ସହିତ ଷୋଳଦିନ ବ୍ୟାପି ଚାଲିଥିବା ଯଜ୍ଞର ମଧ୍ୟ ପୂର୍ଣ୍ଣାହୁତି ପ୍ରଦାନ କରାଯାଏ । ତେବେ ମହିଷାସୁର ସହିତ ଯୁଦ୍ଧକରି ମାଆ ଅବଶ ଓ କ୍ଳାନ୍ତ ହୋଇଥିବାରୁ ନବମୀ ଦିନ ବିଶ୍ରାମ କରିଥାନ୍ତି। ତେଣୁ ଏହି ବିଶ୍ରାମଦିନ ମନ୍ଦିରର ସମ୍ମୁଖ ଦ୍ୱାର ବନ୍ଦରହେ। ଦକ୍ଷିଣ ପଶ୍ଚିମ ଦ୍ୱାରଦେଇ ଭକ୍ତମାନେ ଦର୍ଶନ କରନ୍ତି। ସମସ୍ତ ନୀତିକାନ୍ତି ମଧ୍ୟ ଯଥାରତିରେ କରାଯାଏ ମାତ୍ର ମାଆ ବିଶ୍ରାମ ରେ ଥିବାରୁ କୌଣସି ଘଣ୍ଟ ଘଣ୍ଟା କାହାଳି ବାଜେନାହିଁ, କେବଳ ନିଶବ୍ଦ ପୂଜା କରାଯାଇଥାଏ । ଶେଷରେ ଦଶହରା ଦିନ ମଧ୍ୟାହ୍ନ ରେ ମନ୍ଦିର ଓ ଯଜ୍ଞଶାଳା ରେ ବସିଥିବା ସମାର୍ଜ୍ଜନୀ କଳସୀ ଗୁଡିକ ବଡ଼ପଣ୍ଡା ଓ ବ୍ରାହ୍ମଣମାନେ ଧାରଣ କରି ବର୍ଣ୍ଣାଢ୍ୟ ଶୋଭାଯାତ୍ରା ମଧ୍ୟରେ ବେଢା ପରିକ୍ରମା କରିବାପରେ ଚନ୍ଦନ ପୁଷ୍କରିଣୀ ରେ ବିସର୍ଜ୍ଜନ କରିବା ପରେ ଏହି ଶାରଦୀୟ ପାର୍ବଣପୂଜାର ପରିସମାପ୍ତି ହୋଇଥାଏ ।





ରମାକାନ୍ତ ରାଉଳ
ସାରଳା ସଂସ୍କୃତିଗବେଷକ

# ମା' ସାରଳାଙ୍କ ଷୋଳପୂଜା ବେଶ












